**ସଂକ୍ଷେପରେ**

## ଜାତୀୟ ଫାର୍ମାସି ଶିକ୍ଷା ଦିବସ



ଗୁଣପୁର,୯।୩ (ସଂକେତ ପାତ୍ର)

ଗୁଣପୁରସ୍ଥିତ ଗାୟତ୍ରୀ ଫାର୍ମାସୀ ମହାବିଦ୍ୟାଳୟରେ ସୋମବାର ଜାତୀୟ ଫାର୍ମାସି ଶିକ୍ଷା ଦିବସ ପାଳିତ ହୋଇଛି। ଚଳିତ ବର୍ଷ ଭବିଷ୍ୟତ ଫାର୍ମା ଇକୋସିଷ୍ଟମ: ଏକାଡେମୀ, ଶିଳ୍ପ, ଅନୁସନ୍ଧାନ, ନିୟାମକ ଓ ପ୍ରୟୋଗ ମଧ୍ୟରେ ସମନ୍ୱୟ ଥିମ୍‌କୁ ଆଧାର କରି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଅନୁଷ୍ଠାନର ଅଧ୍ୟକ୍ଷ ଅକ୍ଷୟ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଫାର୍ମାସି ଶିକ୍ଷାର ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ। ପ୍ରିନ୍ସିପାଲ ଡ଼. କାହ୍ନୁଚରଣ ପାଣିଗ୍ରାହୀ ଛାତ୍ରୀଛାତ୍ରଙ୍କୁ ଫାର୍ମାସି କ୍ଷେତ୍ରର ଭବିଷ୍ୟତ ସମ୍ଭାବନା ଓ ଏହାର ବିକାଶ ସମ୍ପର୍କରେ ଅବଗତ କରାଇଥିଲେ। ସେହିପରି ପ୍ରଫେସର୍ ଜଗଦିଶ ଖୁଣ୍ଟିଆ ଓ ପ୍ରଶାସନିକ ଅଧିକାରୀ ପ୍ରଫୁଲ୍ଲ ପଟ୍ଟନାୟକ ମଧ୍ୟ ଫାର୍ମାସି ଶିକ୍ଷା ଓ ଗବେଷଣାର ଆବଶ୍ୟକତା ବିଷୟରେ ମତ ପ୍ରକାଶ କରିଥିଲେ। ଫାର୍ମାସି ଶିକ୍ଷା ଛାତ୍ରୀଛାତ୍ରଙ୍କୁ ଉଜ୍ଜ୍ୱଳ ଭବିଷ୍ୟତ ଦିଗରେ ଆଗକୁ ବଢ଼ିବାର ସୁଯୋଗ ଦେଇଥାଏ ବୋଲି ଅନୁଷ୍ଠାନର ନିର୍ଦ୍ଦେଶକ ସଞ୍ଜୟ ସାହୁ କହିଥିଲେ। କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ପରିଚାଳନା କରିଥିଲେ ।

# ଅଧିକ୍ଷଣ ଯନ୍ତ୍ରୀଙ୍କୁ ଘେରିଲା ଠିକାଦାର ସଂଘ

**ନିର୍ଦ୍ଦିଷ୍ଟ ଠିକାଦାରଙ୍କୁ ଅନୁକମ୍ପା, ଟେଣ୍ଡର ଅନିୟମିତତା ଅଭିଯୋଗ**

ରାୟଗଡା,୯।୩(ଆଶିଷ ରଞ୍ଜନ ପଣ୍ଡା)

ଜଣେ ନିର୍ଦ୍ଦିଷ୍ଟ ଠିକାଦାରଙ୍କୁ ଅହେତୁକ ଅନୁକମ୍ପା ସାଙ୍ଗକୁ ଟେଣ୍ଡର ପ୍ରକ୍ରିୟାରେ ଅନିୟମିତତା ନେଇ କ୍ଷୁଦ୍ର ଜଳସେଚନ ବିଭାଗ ଅଧିକ୍ଷଣ ଯନ୍ତ୍ରୀଙ୍କୁ ଘେରିବା ସହ ରାୟଗଡା ଥାନାରେ ଲିଖିତ ଅଭିଯୋଗ କରିଛି ଠିକାଦାର ସଂଘ। ଅନିୟମିତତାକୁ ନେଇ ଠିକାଦାର ସଂଘ ସୋମବାର ରାୟଗଡା କ୍ଷୁଦ୍ର ଜଳସେଚନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଜଗନ୍ନାଥ ମଲ୍ଲିକଙ୍କୁ ଦୀର୍ଘ ୨ଘଣ୍ଟା ଅଫିସ ଗୃହରେ ଘେରିଥିଲେ। ଏହାକୁ ନେଇ ଅଧୀକ୍ଷଣ କାର୍ଯ୍ୟାଳୟରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ପରିସ୍ଥିତି ଏପରି ହୋଇଥିଲା ଯେ, ପୋଲିସ ଘଟଣାସ୍ଥଳରେ ପହଞ୍ଚି ଠିକାଦାରଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

ସୂଚନାଯୋଗ୍ୟ, କ୍ଷୁଦ୍ର ଜଳସେଚନ ବିଭାଗର ୧୯ଟି ଠିକା କାମକୁ ନେଇ ଲଟେରୀ ବ୍ୟବସ୍ଥା ଥିଲା। ହେଲେ ଅଧିକ୍ଷଣ ଯନ୍ତ୍ରୀ ତାଙ୍କ ସମ୍ପର୍କୀୟ ଠିକାଦାର ଜ୍ୟୋତିର୍ମୟୀ ମଲ୍ଲିକଙ୍କୁ ଅହେତୁକ ଅନୁକମ୍ପା ଦେଖାଇ ୫ଟି କାମର ଟେଣ୍ଡର ଯୋଗାଇ ଦେବାକୁ ଉଦ୍ୟମ କରୁଛନ୍ତି ବୋଲି ଅଭିଯୋଗ ହୋଇଥିଲା। ପୂର୍ବରୁ ଉକ୍ତ ଠିକାଦାର ଏକ କାମର ଏଗ୍ରିମେଣ୍ଟ ବାବଦକୁ ୧୫ ଲକ୍ଷ ଟଙ୍କା ୭ ଦିନ ମଧ୍ୟରେ ପଇଠ କରିବା ନିୟମ ଥିଲେ ସୁଦ୍ଧା ୧ ମାସରୁ ଉର୍ଦ୍ଧ୍ୱ ସମୟ ହେଲା ପଇଠ କରିନାହାନ୍ତି। ତେବେ ବିଭାଗୀୟ ଯନ୍ତ୍ରୀ ଜଗନ୍ନାଥ ମଲ୍ଲିକ ନିଜ ଜିଲାର ସମ୍ପର୍କୀୟ ଠିକାଦରଙ୍କୁ କାହିଁକି ଏତେ ଅନୁକମ୍ପା ଦେଖାଉଛନ୍ତି ବୋଲି ସଂଘ ପକ୍ଷରୁ ଅଭିଯୋଗ କରି ଶତାଧିକ ଠିକାଦାର ଏହାର ପ୍ରତିବାଦ କରିଥିଲେ। ଏନେଇ ଅଧିକ୍ଷଣ ଯନ୍ତ୍ରୀ ଗଣମାଧ୍ୟମ ଆଗରେ ସ୍ପଷ୍ଟ ସୂଚନା ଦେଇ ନ ଥିବା ବେଳେ ତାଙ୍କ ବିରୋଧରେ ରାୟଗଡ଼ା ଥାନାରେ ଅଭିଯୋଗ କରାଯାଇଛି।



ଅଭିଯୋଗ କରିବାକୁ ଆସିଥିବା ଠିକାଦାରମାନେ ।

## ସଭାପତି ପଦ ପାଇଁ ଦ୍ୱିମୁଖୀ ପ୍ରତିଦ୍ୱନ୍ଦ୍ୱିତା

ଗୁଣପୁର,୯।୩ (ସୁଜାତା ପାଢୀ)

- ଗୁଣପୁର ଓକିଲ ସଂଘ ନିର୍ବାଚନ
- ସମ୍ପାଦକ, କୋଷାଧ୍ୟକ୍ଷ ଅପ୍ରତିଦ୍ୱନ୍ଦ୍ୱୀ

ରାୟଗଡା ଜିଲା ଗୁଣପୁର ଓକିଲ ସଂଘ ନିର୍ବାଚନ ରୋଚକ ମୋଡରେ ପହଞ୍ଚିଛି। ସଭାପତି ପଦ ପାଇଁ ବର୍ତ୍ତମାନର ସଭାପତି ଗୌରୀଶଙ୍କର ଦାସ ଏବଂ ଉପ ସଭାପତି ରମେଶ ଚନ୍ଦ୍ର ଲିମାଙ୍କ ମଧ୍ୟରେ ଦ୍ୱିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବ । ଅପରପକ୍ଷେ ସମ୍ପାଦକ ଏବଂ କୋଷାଧ୍ୟକ୍ଷ ପଦ ପାଇଁ ଗୋଟିଏ ଲେଖାଏ ପ୍ରାର୍ଥୀପତ୍ର ଦାଖଲ ହୋଇଛି। ଫଳରେ ସୁରଜ ପାତ୍ର ସମ୍ପାଦକ ଏବଂ ଲକ୍ଷ୍ମୀ ନାରାୟଣ ମହାକୁଡ କୋଷାଧ୍ୟକ୍ଷ ପାଇଁ ଅପ୍ରତିଦ୍ୱନ୍ଦ୍ୱି ହୋଇପଡିଛନ୍ତି। ସୋମବାର ନାମାଙ୍କନପତ୍ର ଦାଖଲର ଶେଷ ଦିନରେ ସଭାପତି ପଦ ପାଇଁ ବର୍ତ୍ତମାନ ରହିଥିବା ସଭାପତି ଗୌରି ଶଙ୍କର ଦାସ ଏବଂ ଉପ ସଭାପତି ରହିଥିବା ରମେଶ ଚନ୍ଦ୍ର ଲିମା ସେମାନଙ୍କ ନାମାଙ୍କନପତ୍ର ଦାଖଲ କରିଛନ୍ତି। କେବଳ ସଭାପତି ପଦ ପାଇଁ ଆସନ୍ତା ୨୮ରେ ନିର୍ବାଚନ ଅନୁଷ୍ଠିତ ହେବ।

ଚଳିତ ଥର ବିଭିନ୍ନ ପଦ ପଦବୀ ତଥା ସଭାପତି ପଦ ପାଇଁ ୫୦୦୦, ସମ୍ପାଦକ ୪୦୦୦ ଟଙ୍କା, ଉପ ସଭାପତି ପଦ ପାଇଁ ୩୦୦୦, ଯୁଗ୍ମ ସମ୍ପାଦକ ଏବଂ କୋଷାଧ୍ୟକ୍ଷ ପାଇଁ ୨୦୦୦ ଟଙ୍କା ଧାର୍ଯ୍ୟ ହୋଇଥିଲା। ଫଳରେ ନାମାଙ୍କନପତ୍ରଦାଖଲ କରିବା ପାଇଁ ପ୍ରାର୍ଥୀଙ୍କ ମଧ୍ୟରେ ଉତ୍ସାହ କମି ଯାଇଥିଲା। ତଥାପି ଶେଷ ସମୟ ପର୍ଯ୍ୟନ୍ତ ବିଶେଷକରି ସଭାପତି ପଦ ପାଇଁନାମାଙ୍କନ ପତ୍ର ଦାଖଲକୁ ନେଇ ଛକାପଞ୍ଝା ଲାଗି ରହିଥିଲା।



ପ୍ରାର୍ଥୀମାନେ ନାମାଙ୍କନପତ୍ର ଦାଖଲ କରୁଛନ୍ତି।

# ୭୩ ଅଭିଯୋଗ ଶୁଣିଲେ ଜିଲାପାଳ




ଶିବିରରେ ଜିଲାପାଳଙ୍କ ସହ ଉପସ୍ଥିତ ଅଧିକାରୀ ଅଭିଯୋଗର ଶୁଣାଣି କରୁଛନ୍ତି।

**ମୁନିଗୁଡ଼ାରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର**

ମୁନିଗୁଡା,୯।୩ (ନନ୍ଦ କିଶୋର ପଟ୍ଟନାୟକ)

ମୁନିଗୁଡା ବ୍ଲକ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହ ପରିସରରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ମୁନିଗୁଡ଼ା ବିଡ଼ିଓ କୃଷ୍ଣଚନ୍ଦ୍ର ଦଳପତିଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପାଳ ଆଶୁତୋଷ କୁଲକର୍ଣ୍ଣି, ଗୁଣପୁର ଉପଜିଲାପାଳ ଧୂଆଳ ଅଭିଷେକ ଦିଲୀପ ଉପସ୍ଥିତ ରହି ଅଭିଯୋଗର ଶୁଣାଣି କରିଥିଲେ। ମୋଟ ୭୩ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ୫୭ଟି ବ୍ୟକ୍ତିଗତ ଓ ୧୬ଟି ଗୋଷ୍ଠିଗତ ଅଭିଯୋଗ ଥିଲା।

ଆବାସ ଯୋଜନାରେ ଘର, ସ୍ୱାସ୍ଥ୍ୟଗତ ସମସ୍ୟା, ଭତ୍ତା, ଭିନ୍ନକ୍ଷମଙ୍କ ସମସ୍ୟା ଉପରେ ଅଭିଯୋଗଗୁଡିକ ଥିଲା। ବିଶେଷ କରି ମୁନିଗୁଡା ଭାଜପା ମଣ୍ଡଳ ସଭାପତି ଓ ଅନ୍ୟମାନେ ମୁନିଗୁଡାରେ କ୍ରୀଡ଼ାବିତ୍‌ଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ପ୍ରସ୍ତାବିତ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ ପାଇଁ ନିବେଦନ କରିଥିଲେ। ଏହି ଅବସରରେ ଜିଲାପାଳଙ୍କ ଦ୍ୱାରା ରେଡକ୍ରସ ଓ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ୫ଜଣଙ୍କୁ ୪୦ହଜାର ଟଙ୍କା ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିଲା। ଶିବିରରେ ସିଡିଏମ୍‌ଓ ଡା.ସରୋଜିନୀ ଦେବୀ, ଡିଏଫଓ ଓହେଲ ସଚିନ ଆନାସାହେବ, ଜିଲା ପରିଷଦ ସିଡିଓ ଅକ୍ଷୟ କୁମାର ଖେମୁଣ୍ଡୁ, ପିଏ ଆଇଟିଡିଏ ଗୁଣୁପୁର ଅଜୟ କୁମାର ପ୍ରଧାନ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଘୋଷନାର ବରିହା, ଡ଼ିଏସଡିଓ ସ୍ୱର୍ଣ୍ଣଲତା ରାଉତଙ୍କ ସମେତ ଅନେକ ଜଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁନିଗୁଡା ତହସିଲଦାର ଏମ୍.ଅନୁରାଧା, ଏସ୍‌ଡିପିଓ ସନ୍ତୋସିନି ଓରାମ ପ୍ରମୁଖ ଉପସ୍ଥିତ ଥିଲେ ।

## ଦକ୍ଷତା ବିକାଶ କାର୍ଯ୍ୟକ୍ରମ

ରାୟଗଡ଼ା, ୯।୩(ଆଶିଷ ରଞ୍ଜନ ପଣ୍ଡା)

ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ପୌର ପରିଷଦ ତରଫରୁ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସହରକୁ ସ୍ୱଚ୍ଛ ଓ ସୁନ୍ଦର ରଖିବାରେ ମହିଳାଙ୍କ ପ୍ରମୁଖ ଭୂମିକାକୁ ସମ୍ମାନ ଜଣାଇବା ସହ ସେମାନଙ୍କ କାର୍ଯ୍ୟ ଦକ୍ଷତା ବୃଦ୍ଧି କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ଥିଲା। ବର୍ଜ୍ୟବସ୍ତୁ ପରିଚାଳନା ଏବଂ ସମ୍ପଦ କେନ୍ଦ୍ରର ସଫଳ ପରିଚାଳନା ନେଇ ସମସ୍ତଙ୍କୁ ବୈଷୟିକ ଜ୍ଞାନକୌଶଳ ଓ ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ଓଦା ଓ ଶୁଖିଲା ଆବର୍ଜନାକୁ କିପରି ଅଲଗା ରଖାଯିବ ସେ ନେଇ ଜନସାଧାରଣଙ୍କୁ ବୁଝାଇବା ପାଇଁ




ସ୍ୱଚ୍ଛ ସାଥୀଙ୍କୁ ପରାମର୍ଶ ଦିଆଯାଇଥିଲା। ଅଭିଯାନ ଅନ୍ତର୍ଗତ ଘରକୁ ଘର ବୁଲି ବର୍ଜ୍ୟବସ୍ତୁ ପୃଥକୀକରଣ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ସମସ୍ତ ସ୍ୱଚ୍ଛସାଥୀଙ୍କୁ ଲିଫ୍‌ଲେଟ ହସ୍ତାନ୍ତର କରାଯାଇଥିଲା। କାର୍ଯ୍ୟ ନିର୍ବାହୀ ଅଧିକାରୀ କୁଳଦୀପ କୁମାର, ସ୍ୱଚ୍ଛତା କ୍ଷେତ୍ରରେ ମହିଳାଙ୍କ ଅବଦାନକୁ ପ୍ରଶଂସା କରାଯାଇଥିଲା। ପୌର ପରିଷଦ ଅଧ୍ୟକ୍ଷ ପି.ମହେଶ ପଟ୍ଟନାୟକ ସହରବାସୀଙ୍କୁ ଓଦା ଏବଂ ଶୁଖିଲା ବର୍ଜ୍ୟବସ୍ତୁ ଅଲଗା କରି ରଖିବା ଏବଂ ଆବର୍ଜନା ସଂଗ୍ରହ ପାଇଁ ଆସୁଥିବା ଗାଡିରେ ଦେବା ପାଇଁ ଅନୁରୋଧ କରିଥିଲେ । କାର୍ଯ୍ୟକ୍ରମରେ ସମ୍ପଦ କେନ୍ଦ୍ରର ସମସ୍ତ ସ୍ୱଚ୍ଛକର୍ମୀ, ସ୍ୱଚ୍ଛସାଥୀ, ସ୍ୱଚ୍ଛ ସୁପରଭାଇଜର,ପ୍ଲାଣ୍ଟ ମ୍ୟାନେଜର, କନିଷ୍ଠ ଯନ୍ତ୍ରୀ, ୱାର୍ଡ ପାରିଷଦ, କନିଷ୍ଠ ପରିମଳ ବିଶେଷଜ୍ଞ ଏବଂ ପରିଷଦର କର୍ମକର୍ତ୍ତା ଯୋଗଦେଇଥିଲେ।

## ପିଙ୍କୁ ଷ୍ଟାର୍ ଦଳ ଚାମ୍ପିୟନ

ପଦ୍ମପୁର, ୯।୩ (ପ୍ରଶାନ୍ତ କୁମାର କର)

**ଭାଗୀରଥି ଗମାଙ୍ଗ ସ୍ମାରକୀ ଭଲିବଲ ଟୁର୍ନାମେଣ୍ଟ**

ପଦ୍ମପୁର ବ୍ଲକ ଯୁବ କଂଗ୍ରେସ ତରଫରୁ ଗତ ଫେବୃଆରୀ ୨୫ରୁ ଆରମ୍ଭ ହୋଇଥିବା ସ୍ୱର୍ଗତ ଭାଗୀରଥି ଗମାଙ୍ଗ ସ୍ମାରକୀ ଭଲିବଲ ଟୁର୍ନାମେଣ୍ଟ ରବିବାର ଶେଷ ହୋଇଛି। ଫାଇନାଲ ମ୍ୟାଚରେ ଅମିତ ସିକ୍ସ ଦଳକୁ ହରାଇ ପିଙ୍କୁ ଷ୍ଟାର ଦଳ ଚାମ୍ପିୟନ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ, ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ ଏବଂ ସବିତା ଗମାଙ୍ଗ ଯୋଗଦେଇ ଫାଇନାଲ ମ୍ୟାଚର ଶୁଭାରମ୍ଭ କରି କଂଗ୍ରେସର ପିତାମହ ସ୍ୱର୍ଗତ ଭାଗୀରଥି ଗମାଙ୍ଗଙ୍କ ସ୍ମୃତିଚାରଣ କରିଥିଲେ। ଚାମ୍ପିୟନ ପିଙ୍କୁ ଷ୍ଟାର ଦଳକୁ ଅତିଥି ଟ୍ରଫି ସହ ନଗଦ ରାଶି ଓ ରନର ଅପ ଦଳକୁ ଟ୍ରଫି ସହ ନଗଦ ରାଶି ଦିଆଯାଇଥିଲା। ଫାଇନାଲ ମ୍ୟାଚ୍‌ରେ କଂଗ୍ରେସ ଜିଲା କାର୍ଯ୍ୟକାରୀ ସଦସ୍ୟ ରମାକାନ୍ତ ମାଝୀ, ଜିଲା ଉପସଭାପତି ରାମକୃଷ୍ଣ ପାଣିଗ୍ରାହୀ, ଜିଲା ସାଧାରଣ ସମ୍ପାଦକ ଅଡ଼ି ହେମାରାଓ, ବରିଷ୍ଠ କଂଗ୍ରେସ କର୍ମୀ ନୀଳମାଧବ ସାହୁ, କଂଗ୍ରେସ ଗୁଣୁପୁର ନଗର ସଭାପତି ବୁଲୁ ସାହୁ, ରାମନାଗୁଡ଼ା ବ୍ଲକ ଏମ୍‌ପି ପ୍ରତିନିଧି ଗର୍ଜନା ପ୍ରସାଦ ରାଓ, ରାମନାଗୁଡ଼ା ବ୍ଲକ ସଭାପତି ବାଞ୍ଛାନିଧି ବେହେରା, ଚନ୍ଦ୍ରପୁର ବ୍ଲକ ସଭାପତି ହିରୁ ମାଝୀ, ଜିଲା ସାଧାରଣ ସମ୍ପାଦକ ରତନ ମାଳା ବିଶୋଇଙ୍କ ସହ ବହୁ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ।




ଅତିଥିଙ୍କ ସହ ଚାମ୍ପିୟନ ଦଳର ଖେଳାଳିମାନେ ।

## ପୁରୀ ଷ୍ଟେଶନ ଆଧୁନିକୀକରଣ ପାଇଁ ପ୍ରଭାବିତ ହେବ ଟ୍ରେନ୍ ଯାତ୍ରା

ଗୁଣପୁର,୯।୩(ସୁଜାତା ପାଢୀ)

ପୁରୀ ରେଳ ଷ୍ଟେଶନକୁ ଆଧୁନିକୀକରଣ କରିବା ପାଇଁ କାର୍ଯ୍ୟ ଆରମ୍ଭ ହେବ । ଏଥିସକାଶେ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଛି। ଏହି କାର୍ଯ୍ୟ ମାର୍ଚ୍ଚ ୧୧ରୁ ଆରମ୍ଭ ହୋଇ ମେ ୧୬ ସାବିତ୍ରୀ ଅମାବାସ୍ୟା ପର୍ଯ୍ୟନ୍ତ ଚାଲିବ । ଏହାଦ୍ୱାରା ପୁରୀକୁ ଯାଉଥିବା ସମସ୍ତ ଟ୍ରେନ ପ୍ରଭାବିତ ହେବ। ସମସ୍ତ ଟ୍ରେନ ପୁରୀ ନ ଯାଇ କେତେକ ସାକ୍ଷୀଗୋପାଳ ଓ ଅନ୍ୟ କେତେକ ଟ୍ରେନ ଖୋର୍ଦ୍ଧା ପର୍ଯ୍ୟନ୍ତ ଚଳାଚଳ କରିବ । ଏହି କ୍ରମରେ ଗୁଣପୁର –ପୁରୀ ଟ୍ରେନ ମଧ୍ୟ ପ୍ରଭାବିତ ହେବ। ଏହି ଟ୍ରେନଟି ଗୁଣପୁରଠାରୁ ଖୋର୍ଦ୍ଧା ମଧ୍ୟରେ ଚଳାଚଳ କରିବ ବୋଲି ଜଣାପଡିଛି। ଏହି ମରାମତି କାର୍ଯ୍ୟ ଦୀର୍ଘ ୬୫ ଦିନ ପର୍ଯ୍ୟନ୍ତ ଚାଲିବ। ଯାତ୍ରୀଙ୍କ ଅସୁବିଧାକୁ ଦୃଷ୍ଟିରେ ରଖି ରେଳ ବିଭାଗ ଓ ରାଜ୍ୟ ସଡକ ପରିବହନ ବିଭାଗ ମିଳିତ ଆନୁକୂଲ୍ୟରେ ପର୍ଯ୍ୟାପ୍ତ ବସ୍ ସେବା ଯୋଗାଇ ଦେବେ ବୋଲି ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଖୋର୍ଦ୍ଧା ଏବଂ ସାକ୍ଷୀଗୋପାଳଠାରୁ ବସ୍‌ଗୁଡିକ ପୁରୀ ପର୍ଯ୍ୟନ୍ତ ଚଳାଚଳ କରିବ ବୋଲି ଜଣାପଡିଛି । ସାଧାରଣତଃ ଖରା ଛୁଟିରେ ଶିକ୍ଷାନୁଷ୍ଠାନଗୁଡିକ ଛୁଟି ଥିବା ଯୋଗୁ ବହୁ ପରିବାର ପୁରୀ ଦର୍ଶନରେ ଯାଇଥାନ୍ତି। କିନ୍ତୁ ପୁରୀକୁ ସିଧାସଳଖ ଟ୍ରେନ ନ ଯିବା ଯୋଗୁ ଶ୍ରଦ୍ଧାଳୁ ହଇରାଣ ହେବା ଆଶଙ୍କା ଦେଖାଦେଇଛି।

# ଲାକପଦାରରେ ଆଇସିଡିଏସ୍ ଟିମ୍‌ର ବୈଠକ

**ଅଙ୍ଗନୱାଡି କର୍ମୀ ନିଯୁକ୍ତି ପ୍ରସଙ୍ଗ**

କଲ୍ୟାଣସିଂହପୁର, ୯।୩
(ଦୀପକ କୁମାର ପରିଡା )

ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ ଅଧୀନ ପାର୍ଶାଲି ପଞ୍ଚାୟତର ଲାକପଦାର ଗ୍ରାମରେ ଅଙ୍ଗନବାଡି କର୍ମୀ ପଦବୀ ପାଇଁ ୩ ଜଣ ମହିଳା ରାଣୀ ଶିକକା, ବାସନ୍ତୀ ମାଝୀ, ନାଇକେନି ଭାତ୍ରା ଆବେଦନ କରିଛନ୍ତି। ଅଙ୍ଗନବାଡି କର୍ମୀଙ୍କ କାଗଜପତ୍ର ଯାଞ୍ଚ ନିମନ୍ତେ ସୋମବାର କଲ୍ୟାଣସିଂହପୁର ଶିଶୁ ବିକାଶ ପ୍ରକଳ୍ପ (ଆଇସିଡିଏସ୍ ) ଅଧିକାରୀ ମମତା ରାଣୀ ଦାସଙ୍କ ନେତୃତ୍ୱରେ ଏକ ଟିମ୍ ଲାକପଦର ଗାଁକୁ ଗସ୍ତ କରିଥିଲେ। ଏହି ପରିପ୍ରେକ୍ଷୀରେ ଲାଖପଦାର ଗାଁରେ ଅଙ୍ଗନୱାଡି କର୍ମୀ ଚୟନ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକ ରେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ମମତା ରାନୀ ଦାସ, ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ବିଶ୍ୱଜିତ ସାମନ୍ତ ସିଂହାର, ପଞ୍ଚାୟତ ନିର୍ବାହି ଅଧିକାରୀ ହରି ମହାନନ୍ଦିଆ, ସୁପରଭାଇଜର ଜ୍ୟୋସ୍ନାରାନୀ ପଣ୍ଡା, ରେଣୁ ପରିଡା, ମମତା ସଂଯୋଜକ ସଂଗ୍ରାମ ସିଂ, ଅଙ୍ଗନୱାଡି କର୍ମୀ ମାଦଗ ବାଡାକ ଓ ନିୟମଗିରି ସୁରକ୍ଷା ସମିତିର ସଭାପତି ଲଦ ଶିକକା, ଡ୍ରିଙ୍ଗୁ କୃଷିକା ଓ ଲାକପଦର, ପଟାଙ୍ଗିପଦର ଗ୍ରାମବାସୀ ଉପସ୍ଥିତ ଥିଲେ। ହେଲେ ବୈଠକରେ ୩ ଜଣ ମହିଳାଙ୍କ ମଧ୍ୟରୁ କାହାକୁ ଅଙ୍ଗନୱାଡି କର୍ମୀ ଭାବେ ଚୟନ କରାଯାଇପାରି ନାହିଁ।



ଆଇସିଡିଏସ୍ ଅଧିକାରୀମାନେ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

# ବିଜ୍ଞାନ ପ୍ରଦର୍ଶନୀରେ ୨୮ ପ୍ରକଳ୍ପ ପ୍ରଦର୍ଶିତ

ଗୁଣପୁର,୯।୩ (ସୁଜାତା ପାଢ଼ୀ)

ଗୁଣପୁର ବ୍ଲକ୍ ଅନ୍ତର୍ଗତ ଡମ୍ବସରାର ପିଏମ୍‌ଶ୍ରୀ ସରକାରୀ (ଏସ୍‌ଏସ୍‌ଡି) ବାଳିକା ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୁଣପୁର ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଗଙ୍ଗାଧର ବେହେରା, ସମ୍ମାନିତ ଅତିଥି ଭାବେ ପଦ୍ମପୁର ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଅର୍ଚ୍ଚନା ପଣ୍ଡା, ଡମ୍ବସରାର ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ପାଣିଗ୍ରାହୀ, ଚାଲକମା ସରକାରୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ବି. ଗୋବିନ୍ଦ ରାଓ ମଞ୍ଚାସୀନ ଥିଲେ । ଏହି ପ୍ରଦର୍ଶନୀରେ ଛାତ୍ରୀଙ୍କ ଦ୍ୱାରା ତିଆରି ହୋଇଥିବା ଉଭୟ ବିଜ୍ଞାନ ଓ ଗଣିତ ବିଭାଗର ୨୮ ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ବିଚାରକ ମଣ୍ଡଳୀ ଦ୍ୱାରା ଗଣିତ ସର୍କଲ ଓ ବିଜ୍ଞାନ ସର୍କଲର ବରିଷ୍ଠ ବିଭାଗର ଶ୍ରେଷ୍ଠ ୩ଟି ଓ କନିଷ୍ଠ ବିଭାଗର ୩ ଶ୍ରେଷ୍ଠ ପ୍ରକଳ୍ପ ସହ ମୋଟ ୧୨ଟି ପ୍ରକଳ୍ପକୁ ଚୟନ କରାଯାଇ ପୁରସ୍କୃତ କରାଯାଇଥିଲା। ଖେଳ ଶିକ୍ଷକ ମନୋଜ ଦୁଲ ମଞ୍ଚ ପରିଚାଳନା କରିଥିଲେ।

## ଗୁଣି ସନ୍ଦେହରେ ବୃଦ୍ଧଙ୍କୁ ବାନ୍ଧି ନିସ୍ତୁକ ମାଡ଼, ୧୦ ଗିରଫ

ବେଲଗୁଣ୍ଠା,୯।୩(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ଗଞ୍ଜାମ ଜିଲା ବେଲଗୁଣ୍ଠା ଥାନା ଅନ୍ତର୍ଗତ ବେଲପୁଞ୍ଜି ଗ୍ରାମରେ ଗୁଣି ସନ୍ଦେହରେ ଜଣେ ବୃଦ୍ଧଙ୍କୁ ସଂଘବଧ ଭାବେ ନିସ୍ତୁକ ମାଡ଼ ମରାଯାଇଛି। ଏନେଇ ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ ପରେ ୧୦ ଜଣଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ଖବରରୁ ଜଣାପଡିଛି, ଗତ ୭ ତାରିଖ ବିଳମ୍ବିତ ରାତିରେ ମଙ୍ଗଳପୁର ପଞ୍ଚାୟତ ବେଲପୁଞ୍ଜି ଗ୍ରାମରେ ଚଢ଼ିଆପଲ୍ଲୀ ଢେପ ସାହିର ଗୋପାଳକୃଷ୍ଣ ସେଠୀ ଗାଁ ମୁଣ୍ଡ ଠାକୁରାଣୀ ମନ୍ଦିର ନିକଟରେ ଏକ ଶାଢ଼ୀ ପିନ୍ଧି ବେକରେ ଫୁଲମାଳ ଗଳାଇ ଗୋଟିଏ ଖପୁରି ଧରି ପୂଜାର୍ଚ୍ଚନା କରୁଥିଲେ। ଗୁଣି ଗାରେଡି ସନ୍ଦେହ କରି ଗ୍ରାମବାସୀ ଗୋପାଳକୃଷ୍ଣଙ୍କୁ ଏ ବିଷୟରେ ପଚାରିବାରୁ ଯୁକ୍ତିତର୍କ ହୋଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ୨୦/୩୦ ଜଣ ଗ୍ରାମବାସୀ ଗୋପାଳକୃଷ୍ଣଙ୍କ ହାତ ବାନ୍ଧି ବାଉଁଶ ବାଡ଼ିରେ ନିସ୍ତୁକ ମାଡ଼ ମାରିଥିଲେ। ଏହି ଆକ୍ରମଣରେ ଗୋପାଳକୃଷ୍ଣଙ୍କ ଶରୀରର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହେବା ସହ ହାଡ଼ ଭାଙ୍ଗିଯାଇଥିବା ଜଣାପଡ଼ିଛି। ବେଲଗୁଣ୍ଠା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ବ୍ରହ୍ମପୁର ମେଡିକାଲରେ ଭର୍ତ୍ତି କରିଥିଲା। ଗୋପାଳକୃଷ୍ଣଙ୍କ ପୁଅ ଜ୍ୟୋତିର୍ମୟ ସେଠୀଙ୍କ ଲିଖିତ ଅଭିଯୋଗକୁ ଭିତ୍ତି କରି ପୋଲିସ ନଂ ୮୯/୨୫ରେ ଏକ ମାମଲା ରୁଜୁ ତଦନ୍ତ ଚଳାଇଥିଲା।

## ଅଲ୍ ଓଡ଼ିଶା ହସ୍ପିଟାଲ କର୍ମଚାରୀ ସଂଘର ବୈଠକ

ରାୟଗଡ଼ା,୯।୩(ଆଶିଷ ରଞ୍ଜନ ପଣ୍ଡା)

ଭାରତୀୟ ମଜଦୂର ସଂଘ (ବିଏମ୍‌ଏସ୍) ଦ୍ୱାରା ପରିଚାଳିତ ଅଲ ଓଡ଼ିଶା ହସ୍ପିଟାଲ କର୍ମଚାରୀ ସଂଘ ପକ୍ଷରୁ ଏକ ବୈଠକ ସ୍ଥାନୀୟ ଠକର ବାପା ଆଶ୍ରମଠାରେ ଅନଷ୍ଠିତ ହୋଇଯାଇଛି । ବୈଠକରେ ଶ୍ରମିକ ନେତା ତଥା ବିଏମ୍‌ଏସ୍ ରାଜ୍ୟ ଉପସଭାପତି ଯୋଗେଶ୍ୱର ଦାସ , ରାୟଗଡ଼ା ଜିଲା ସମ୍ପାଦକ ଗଣେଶ କୁମାର ସାହୁ ଓ ଜିଲା କାର୍ଯ୍ୟକାରିଣୀ ସଦସ୍ୟ ପ୍ରେମ କୁମାର ପଟ୍ଟନାୟକ ଯୋଗଦେଇଥିଲେ। ରାୟଗଡା ଜିଲାରେ ଠିକା ସଂସ୍ଥା ( ଆଉଟସୋର୍ସିଂ) ଦ୍ୱାରା କାର୍ଯ୍ୟରତ ସିକ୍ୟୁରିଟି ଗାର୍ଡ, ଡାଟା ଏଣ୍ଟ୍ରି ଏଟେଣ୍ଡେର , ସଫେଇ ଓ ହାଉସ କିପିଙ୍ଗ କର୍ମଚାରୀଙ୍କ ସମସ୍ୟାକୁ ନେଇ ବାରମ୍ବାର ଲିଖିତ ଅଭିଯୋଗ କରି ଆସୁଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ତାର କୌଣସି ସମାଧାନ ହୋଇପାରିଲାନାହିଁ । ତେଣୁ ଦାବିଗୁଡିକୁ ତୁରନ୍ତ ସମାଧାନ କରିବା ପାଇଁ ଜିଲାପାଳ ଏବଂ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ସାକ୍ଷାତ କରି ଆଲୋଚନା କରି ସମାଧାନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ମୁଖ୍ୟତ କର୍ମଚାରୀମାନଙ୍କୁ ପରିଚୟ ପତ୍ର ପ୍ରଦାନ କରିବା, ଇପିଏଫ ଏବଂ ଇଏସ୍‌ଆଇ ପ୍ରତ୍ୟେକ ମାସରେ ଜମା କରିବା, ପ୍ରତି ମାସରେ ଠିକ ସମୟରେ ଦରମା ଦେବା, ସୁରକ୍ଷା ସରଞ୍ଜାମ ଯୋଗାଇ ଦେବା, ବର୍ଷକୁ ୨ ହଳ ୟୁନିଫର୍ମ ପ୍ରଦାନ, ସୁରକ୍ଷା ପାଇଁ ସ୍ୱାସ୍ଥ୍ୟ ବିମା ଯୋଗାଇ ଦେବା ଉପରେ ଆଲୋଚନା କରାଯାଇଥିଲା। ଏଥିରେ ଜିଲାରେ ଠିକା ସଂସ୍ଥା ଦ୍ୱାରା କାର୍ଯ୍ୟରତ ସମସ୍ତ କର୍ମଚାରୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସୁରେଶ ଚନ୍ଦ୍ର ସାହୁ, ମଳିକ ରାଓ ମଣ୍ଡଙ୍ଗି, ଗୋବିନ୍ଦ କଣ୍ଡାଗିରୀ ପ୍ରମୁଖ ପରିଚାଳନା କରିଥିଲେ।



ବୈଠକରେ ଉପସ୍ଥିତ ଶ୍ରମିକ ନେତା ଏବଂ ଠିକା ସଂସ୍ଥା କର୍ମଚାରୀ।

# ‘ଜଙ୍ଗଲକୁ ବଞ୍ଚାଅ, ପ୍ରକୃତିକୁ ସୁରକ୍ଷା କର’

**ବନାଗ୍ନି ରୋକିବାକୁ ସଚେତନତା ଶୋଭାଯାତ୍ରା**

ଅମ୍ବାଦଳା,୯।୩ (ରବୀନ୍ଦ୍ର ପଣ୍ଡା)

ଜଙ୍ଗଲରେ ଲାଗୁଥିବା ନିଆଁକୁ ରୋକିବା ଓ ସାଧାରଣ ଲୋକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ମୁନିଗୁଡା ବ୍ଲକ୍ ଅମ୍ବାଦଳାଠାରେ ସୋମବାର ଏକ ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଛି। ମୁନିଗୁଡା ରେଞ୍ଜର ପ୍ରବୀଣ କୁମାର ଦାସଙ୍କ ନିର୍ଦ୍ଦେଶକ୍ରମେ ଅମ୍ବାଦଳା ବନପାଳ ମାଝୀ ମହାପାତ୍ରଙ୍କ ନେତୃତ୍ୱରେ ଏହି ଶୋଭାଯାତ୍ରା ଫରେଷ୍ଟ କାର୍ଯ୍ୟାଳୟ ନିକଟରୁ ବାହାରି ମେଡିକାଲ ଛକ ପର୍ଯ୍ୟନ୍ତ ଯାଇଥିଲା। ଶୋଭାଯାତ୍ରାରେ ପରିବେଶବିତ୍ ଗୌରାଙ୍ଗ ରାଉତ, କଂଗ୍ରେସ ଏମ୍‌ପି ପ୍ରତିନିଧି ରଜନୀକାନ୍ତ ପୋଡାଲ, ଯୁବନେତା ଧୀରେନ୍ଦ୍ର ପାଣିଗ୍ରାହି, ଫରେଷ୍ଟ ଗାର୍ଡ ଶର୍ମିଷ୍ଠା ବଡ଼ଜେନା, ବିଦ୍ୟାଧର ପାଣ୍ଡେ, ସୂର୍ଯ୍ୟମଣି ବେହେରା,ଏଲିଫ୍ୟାଣ୍ଟ ସ୍କ୍ୱାର୍ଡ, ଗଜ ସାଥି ପିତାମ୍ବର ଗୌଡ଼ଙ୍କ ସମେତ ଅନ୍ୟ ବନ ବିଭାଗ କର୍ମଚାରୀ, ସ୍ଥାନୀୟ ଲୋକ ଓ ସ୍ୱୟଂସେବକମାନେ ଅଂଶଗ୍ରହଣ କରି ଜଙ୍ଗଲ ସୁରକ୍ଷା ପ୍ରତି ସଚେତନତାର ବାର୍ତ୍ତା ପହଞ୍ଚାଇଥିଲେ। ଜଙ୍ଗଲକୁ ବଞ୍ଚାଅ, ପ୍ରକୃତିକୁ ସୁରକ୍ଷା କର, ନିଆଁରୁ ଜଙ୍ଗଲକୁ ବଞ୍ଚାଇବା ସବୁଙ୍କର ଦାୟିତ୍ୱ ପରି ସ୍ଲୋଗାନ ଦେଇ ପରିବେଶ ସୁରକ୍ଷାର ସନ୍ଦେଶ ଦିଆଯାଇଥିଲା।

ଗ୍ରୀଷ୍ମ ଋତୁ ଆସିବା ସହିତ ଜଙ୍ଗଲରେ ନିଆଁ ଲାଗିବା ଆଶଙ୍କା ବଢ଼ିଯାଏ। ଅଧିକାଂଶ ସମୟରେ ଲୋକଙ୍କ ଅସାବଧାନତା, ଶୁଖିଲା ପତ୍ର ପୋଡ଼ିବା କିମ୍ବା ଜଙ୍ଗଲ ନିକଟରେ ନିଆଁ ଲଗାଇବାରୁ ଏପରି ଘଟଣା ଘଟେ। ଫଳରେ ବନ ସମ୍ପଦ ସହ ବନ୍ୟପ୍ରାଣୀମାନେ ମଧ୍ୟ ଭୟାବହ କ୍ଷତିଗ୍ରସ୍ତ ହୁଅନ୍ତି। ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ବନ ବିଭାଗ ପକ୍ଷରୁ ଲୋକଙ୍କୁ ସଚେତନ କରିବା ସହ ଜଙ୍ଗଲ ଅଞ୍ଚଳରେ ନିଆଁ ନ ଲଗାଇବାକୁ ଅନୁରୋଧ କରାଯାଇଛି। ଏହାସହ ଯଦି କୌଣସି ସ୍ଥାନରେ ଜଙ୍ଗଲରେ ନିଆଁ ଲାଗିଥିବା ଦେଖାଯାଏ, ତେବେ ବନ ବିଭାଗକୁ ଖବର ଦେବାକୁ ସାଧାରଣ ଲୋକଙ୍କୁ ଆହ୍ୱାନ କରାଯାଇଛି। ବନ ସମ୍ପଦ ଓ ପରିବେଶକୁ ସୁରକ୍ଷିତ ରଖିବା ପାଇଁ ସମସ୍ତଙ୍କ ସହଯୋଗ ଅତ୍ୟାବଶ୍ୟକ ବୋଲି ବନପାଳ ମାଝୀ ମହାପାତ୍ର କହିଛନ୍ତି।




ସଚେତନତା ଶୋଭାଯାତ୍ରାରେ ସାମିଲ ହୋଇଥିବା ବନ କର୍ମଚାରୀ ଏବଂ ଅନ୍ୟମାନେ।

## ସଂକ୍ଷେପରେ

### ମଦ ଜବତ, ଜଣେ ମହିଳା ଗିରଫ

ପାପଡ଼ାହାଣ୍ଡି, ୯।୩ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ମିଳିତ ଭାବେ ଚଢ଼ାଉ କରାଯାଇ ମଦ ଜବତ ହୋଇଛି। ଏଥିରେ ସମ୍ପୃକ୍ତ ଜଣେ ମହିଳାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ସୂଚନା ଅନୁଯାୟୀ ପୋଲିସ ଏସ୍ଆଇ ସନ୍ଧ୍ୟାରାଣୀ ବେହେରା ଓ ଅବକାରୀ ଉପନିରୀକ୍ଷକ ସମୀର ସ୍ୱାଇଁଙ୍କ ନେତୃତ୍ୱରେ ରୋଜାମାଟୁ ଓ ଦଳେଇଗୁଡ଼ା ଗ୍ରାମରେ ମିଳିତ ଭାବେ ଚଢ଼ାଉ ହୋଇଥିଲା। ଦଳେଇଗୁଡ଼ା ଗ୍ରାମ ପଦମା ହରିଜନଙ୍କ ଘରୁ ୧୨ ଲିଟର ଦେଶୀ ମଦ ମିଳିଥିଲା। ଏହାପରେ ତାଙ୍କୁ ଗିରଫ କରାଯାଇଥିଲା। ଅବକାରୀ ବିଭାଗ କେସ୍ ନଂ. ୩୦୧ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଥିବା ଉପନିରୀକ୍ଷକ ସମୀର ସ୍ୱାଇଁ ସୂଚନା ଦେଇଛନ୍ତି।

### ୨ ମହିଳାଙ୍କଠାରୁ ଦେଶୀ ମଦ ଜବତ

ନନ୍ଦାହାଣ୍ଡି, ୯।୩ (ପ୍ରତୀପ କୁମାର ଦାଶ)

ନବରଙ୍ଗପୁର ଜିଲାପାଳ ଡ ମହେଶ୍ୱର ସ୍ୱାଇଁ, ଅବକାରୀ ଅଧିକ୍ଷକ ପ୍ରତାପ କୁମାର ଦାସଙ୍କ ନିର୍ଦ୍ଦେଶକ୍ରମେ, ଅବକାରୀ ନିରୀକ୍ଷକ ଦିଲ୍ଲୀପ କୁମାର ରଥଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସୋମବାର ସକାଳେ ନବରଙ୍ଗପୁର ଥାନା ଅଧୀନ ନନ୍ଦାହାଣ୍ଡି ବ୍ଲକ ପଡାଲଗୁଡ଼ା ଗ୍ରାମରେ ଚଢ଼ାଉ କରାଯାଇଛି। ଅବକାରୀ ବିଭାଗ କର୍ମଚାରୀ ସାବିତ୍ରୀ ବିଷୋୟୀଙ୍କ ନିକଟରୁ ୧୫ ଲିଟର ହାତ ରନ୍ଧା ଦେଶୀ ମଦ ଜବତ କରିଛନ୍ତି। ମାଝୀଗୁଡ଼ା ଗ୍ରାମରେ ଚଢ଼ାଉ କରିବାବେଳେ ପାଲବି ଡଙ୍ଗରୀଙ୍କ ନିକଟରୁ ୧୭ ଲିଟର ହାତ ରନ୍ଧା ଦେଶୀ ମଦ ଜବତ କରାଯାଇଥିଲା। ଘଟଣା ସ୍ଥଳରେ ଅବକାରୀ ବିଭାଗ ପକ୍ଷରୁ ଜବତ ମଦକୁ ନଷ୍ଟ କରାଯାଇଛି। ୩୫ ବିଏନ୍ଏସଏସ୍‌ରେ ସେମାନଙ୍କୁ ସୂଚନା ଦେଇ ଛାଡି ଦିଆଯାଇଛି। ପୁନଃବାର ମଦ ବିକ୍ରି କରିବା ଘଟଣାରେ ସମ୍ପୃକ୍ତ ରହିଲେ ଗିରଫ କରାଯିବ ବୋଲି ବିଭାଗୀୟ କର୍ମଚାରୀମାନେ କହିଥିଲେ। ଏହି ଚଢ଼ାଉରେ ଅବକାରୀ ନିରୀକ୍ଷକ ଦିଲ୍ଲୀପ କୁମାର ରଥଙ୍କ ସହ ରେସମା ସୁନା ଓ ଆକ୍ରମ ଖାନ ପ୍ରମୁଖ ସାମିଲ ଥିଲେ।

### ଦୁଇ ସ୍ଥାନରୁ ୬୩୦ କିଲୋ ଗଞ୍ଜେଇ ଜବତ

ମୋହନା, ୯।୩(ମନ୍ମଥ ମିଶ୍ର)

ଗଜପତି ଜିଲା ଅଡବା ପୋଲିସ ରବିବାର ଅଡବା ଥାନା ଅନ୍ତର୍ଗତ କଟାମା ପଞ୍ଚାୟତ ଟାଙ୍ଗିଲି ଗାଁ ନିକଟସ୍ଥ ଜଙ୍ଗଲରୁ ୩୬୦ କିଲୋ ୬ଶହ ଗ୍ରାମ ଗଞ୍ଜେଇ ଜବତ କରିଛି। ଗଞ୍ଜେଇ ଚୋରା ଚାଲାଣରେ ସମ୍ପୃକ୍ତ ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ସେହିପରି କେଶରୀଗୁଡା ଗାଁର ବୃନ୍ଦା ନାୟକଙ୍କ ଘରେ ଗଞ୍ଜେଇ ଗଚ୍ଛିତ ରଖାଯାଇଥିବା ସୂଚନା ପାଇ ଥାନା ଅଧିକାରୀଙ୍କ ନେତୃତ୍ୱରେ ଏକ ଟିମ ଗଠନ କରାଯାଇ ରବିବାର ବିଳମ୍ବିତ ରାତିରେ ତାଙ୍କ ଘରେ ଚଢ଼ାଉ କରାଯାଇଥିଲା। ସେଠାରୁ ୨୭୦ କିଲୋ ଗଞ୍ଜେଇ ଜବତ ହୋଇଛି। ଘଟଣା ସ୍ଥଳରୁ ଘର ମାଲିକ ଫେରାର ହୋଇଯାଇଛନ୍ତି। ମୋହନା ଅତିରିକ୍ତ ତହସିଲଦାରଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇକୁ ଓଜନ କରାଯାଇଥିଲା। ଉଭୟ ସ୍ଥାନରୁ ଜବତ ଗଞ୍ଜେଇର ପରିମାଣ ୬୩୦ କିଲୋ ୬ଶହ ଗ୍ରାମ ହୋଇଥିଲା। ଏହି ଜବତ ଗଞ୍ଜେଇର ବଜାର ମୂଲ୍ୟ ୬୩ ଲକ୍ଷ ଟଙ୍କା ହେବ ବୋଲି ପୋଲିସ କହିଛି।

### ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ

ଚିତ୍ରକୋଣ୍ଡା, ୯।୩(ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ୍ ବଡ଼ପଦର ପଞ୍ଚାୟତ ଅଧୀନ ଆର୍ଏସସି ୧୨ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବ୍ଲକ ଶିକ୍ଷାଧିକାରୀ ଗାୟତ୍ରୀ ଦେବୀଙ୍କ ଅଧ୍ୟକ୍ଷତାରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଛି। ଏଥିରେ ସଭାପତି ଗାୟତ୍ରୀ ଦେବୀ, ବ୍ଲକ ଅଧକ୍ଷା ରାଜେଶ୍ୱରୀ ଖିଲ, ସୁକାନ୍ତି ମାଡାମ, ସବିତା ତ୍ରିପାଠୀ, ବଡ଼ପଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ କ୍ଷିତୀଶ ସରକାର ଉପସ୍ଥିତ ଥିଲେ। ମହିଳା ଦିବସ ଉପଲକ୍ଷେ ସମସ୍ତ ବିଦ୍ୟାଳୟର ପିଏମ୍ ପୋଷଣ କାର୍ଯ୍ୟକ୍ରମରେ ସାମିଲ ଥିବା ସମସ୍ତ ମା, କ୍ଲଷ୍ଟରରେ କାର୍ଯ୍ୟରତ ଶିକ୍ଷୟିତ୍ରୀ, ନୂତନ ନିଯୁକ୍ତ ସମସ୍ତ ଶିଶୁସେବିକାଙ୍କୁ ସମ୍ମାନିତ କରାଯାଇଥିଲା। ଆର୍ଏସ୍‌ସି ୧୨ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ନୀଳାଦ୍ରି କୁମାର ରାଉତ ସାମନ୍ତ ଓ ଶ୍ରୀ ଗଙ୍ଗାଧର ଖରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବ୍ୟକ୍ତିଗତ ଘରକାନ୍ଥରେ ସରକାରୀ ସୂଚନା ଫଳକ

**୨ ପଞ୍ଚାୟତର ୫ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ଉଲ୍ଲେଖ ରହିଛି**

- କାମରେ ଦୁର୍ନୀତି ହୋଇଥିବା ଲୋକଙ୍କ ଅଭିଯୋଗ

ନବରଙ୍ଗପୁର,୯।୩(ସଦାଶିବ ପ୍ରହରାଜ)



ପଥରଲାସା ଗାଁର ଏକ ବ୍ୟକ୍ତିଗତ ଘର କାନ୍ଥରେ ଲେଖାଯାଇଥିବା ସୂଚନା ଫଳକ।

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକରେ ଉନ୍ନୟନ କାର୍ଯ୍ୟକୁ ନେଇ ଉଠୁଥିବା ଅଭିଯୋଗ ଏବେ ସାଧାରଣ ଲୋକଙ୍କ ମନରେ ଗଭୀର ସନ୍ଦେହ ସୃଷ୍ଟି କରିଛି। ଧଣ୍ଡରା ଓ ମେଣ୍ଟ୍ରି ପଞ୍ଚାୟତର ଉନ୍ନୟନ କାର୍ଯ୍ୟର ସୂଚନା ପଥରଲାସାର ଗାଁର ଜଣେ ବ୍ୟକ୍ତିଙ୍କ ଘର କାନ୍ଥରେ ଲେଖାଯାଇଛି। ଏହି ଘଟଣା ଦୁର୍ନୀତିର ଗନ୍ଧକୁ ଆଉ ଗାଢ଼ କରିଦେଉଛି ବୋଲି ଲୋକେ ଅଭିଯୋଗ କରିଛନ୍ତି। ସରକାରୀ ଯୋଜନା ମାଧ୍ୟମରେ ଗ୍ରାମାଞ୍ଚଳ ଉନ୍ନତି କରିବା ଲକ୍ଷ୍ୟ ରହିଥିବାବେଳେ, ଏପରି ଅନିୟମିତତା ଓ ଅଭିଯୋଗ ଲୋକମାନଙ୍କ ଆଶାକୁ ଆଘାତ ପହଞ୍ଚାଇଥିବା ବୁଦ୍ଧିଜୀବୀ ଆଲୋଚନା କରୁଛନ୍ତି।

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଧଣ୍ଡରା ପଞ୍ଚାୟତରେ ରହିଛି ପଥରଲସା ଓ ପିତାକୁମୁଲି ଗାଁ। ୨୦୨୪ – ୨୫ରେ ପଥରଲସା ପ୍ରାଥମିକ ବିଦ୍ୟାଳୟର ମରାମତି ପାଇଁ ଏକ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ସେହିଭଳି ସାମୁହିକ ଡ୍ରେନ ସଫେଇ ପାଇଁ ୫୦ ହଜାର ଟଙ୍କା ଖର୍ଚ୍ଚ କରାଯାଇଛି। ଉକ୍ତ ପଞ୍ଚାୟତର ପିତାକୁମୁଲି ଗାଁରେ ସାମୁହିକ ସଫେଇ ପାଇଁ ୫ଦଶ ଅର୍ଥ କମିଶନରୁ ୫୦ ହଜାର ଟଙ୍କା ଖର୍ଚ୍ଚ ହୋଇଛି। ବ୍ଲକର ମେଣ୍ଟ୍ରିପଞ୍ଚାୟତ ପ୍ରାଥମିକ ବିଦ୍ୟାଳୟର ମରାମତି ପାଇଁ ୧ ଲକ୍ଷ ୫୧ ହଜାର ଟଙ୍କା ଖର୍ଚ୍ଚ କରାଯାଇଥିବା ପଥରଲାସାର ଗାଁର ଜଣେ ବ୍ୟକ୍ତିଙ୍କ ଘର କାନ୍ଥରେ ଲେଖାଯାଇଛି। ଏହା ବ୍ୟତୀତ ଆଉ ଦୁଇଟି ସୂଚନା ଫଳକରେ ଯାହା ଉଲ୍ଲେଖ କରାଯାଇଛି ତାହା ସ୍ପଷ୍ଟ ଦେଖାଯାଉନାହିଁ। ଉକ୍ତ ଫଳକରେ ବିଭିନ୍ନ ରଙ୍ଗ ବୋଳି ଦିଆଯାଇଛି। ନିୟମାନୁଯାୟୀ ହେଉଁଠାରେ କାମ ହେବ ସେଠାରେ ହିଁ ସୂଚନା ଫଳକ ଲାଗିବ। ଏନେଇ ୫ଶହ ଟଙ୍କାରୁ ୨ ହଜାର ଟଙ୍କା ପର୍ଯ୍ୟନ୍ତ ବିଲ ହୋଇଥାଏ। ଜଣେ ବ୍ୟକ୍ତିଙ୍କ ଘର କାନ୍ଥରେ ଦୁଇଟି ପଞ୍ଚାୟତର ଉନ୍ନୟନ କାର୍ଯ୍ୟ ଉଲ୍ଲେଖ କରିବା ଦୁର୍ନୀତିକୁ ସାମ୍ନାକୁ ଆଣୁଛି ବୋଲି ବୁଦ୍ଧିଜୀବୀ ଅଭିଯୋଗ କରୁଛନ୍ତି। ତେବେ ଫଳକ ଲେଖା ହୋଇଥିଲେ ମଧ ଅଭିଯୋଗ ହେଉଛି ଯେ ମୂଳତଃ ସେହି କାମ କରାଯାଇନାହିଁ। କାମ ନ ହୋଇ ବିଲ୍ ହୋଇଥିବା କଥା ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛି। ଲୋକମାନେ ଆହୁରି ପ୍ରଶ୍ନ ଉଠାଇଛନ୍ତି ଯେ, କାମ ସତରେ ହୋଇଥିଲେ ଠିକ୍ ସ୍ଥାନରେ ଫଳକ ଲେଖାଯାଇଥାନ୍ତା। ଠିକାଦର ଓ ବିଭାଗୀୟ କର୍ମଚାରୀ ଏକାଠି ହୋଇ ଉନ୍ନୟନ ନାମରେ ଅର୍ଥ ହଡ଼ପ କରିଥିବା ଅଭିଯୋଗ କରିଛନ୍ତି। ଲୋକଙ୍କ ଅଭିଯୋଗ ସତ୍ୟ ପ୍ରମାଣିତ ହେଲେ ଏହା ଗ୍ରାମ ଉନ୍ନୟନ ବ୍ୟବସ୍ଥା ଉପରେ ଅଙ୍ଗୁଳି ଉଠାଇବାକୁ ଯଥେଷ୍ଟ ବୋଲି ବୁଦ୍ଧିଜୀବୀ କହିଛନ୍ତି। ଗ୍ରାମାଞ୍ଚଳର ଉନ୍ନତି ପାଇଁ ସରକାର ପ୍ରତିବର୍ଷ ବ୍ୟାପକ ଟଙ୍କା ଖର୍ଚ୍ଚ କରୁଛନ୍ତି। ଏହା ଠିକ୍ ଭାବରେ ଖର୍ଚ୍ଚ ନ ହେଲେ ସରକାରଙ୍କ ଲକ୍ଷ୍ୟ ଅଧୁରା ରହିଯିବ। ଏପରି ଘଟଣା ସରକାରୀ ବ୍ୟବସ୍ଥା ପ୍ରତି ଲୋକଙ୍କ ଆସ୍ଥାକୁ ଦୁର୍ବଳ କରିଦେବ। ଏହାର ନିରପେକ୍ଷ ତଦନ୍ତ ଅତ୍ୟାବଶ୍ୟକ। ଯଦି କାମ ନହୋଇ ବିଲ୍ ହୋଇଥିବା ଅଭିଯୋଗ ସତ୍ୟ ଥାଏ, ତେବେ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଜରୁରୀ ବୋଲି ବୁଦ୍ଧିଜୀବୀ ମତ ଦେଇଛନ୍ତି। ଏ ନେଇ ବିଡିଓ କ୍ଷୀରୋଦ କୁମାର ସାହୁଙ୍କୁ ପଚାରିବାରୁ ଘଟଣାର ତଦନ୍ତ କରି ଏଥିରେ ସତ୍ୟତା ଥିଲେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

## ଉମରକୋଟରେ ମାଟ୍ରିକ ପରୀକ୍ଷା ମୂଲ୍ୟାଙ୍କନ କେନ୍ଦ୍ର

ଉମରକୋଟ, ୯।୩(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟସ୍ଥିତ ପିଏମ ଶ୍ରୀ ନୋଡାଲ ସଦାଶିବ ସୁକୁମାର ସରକାରୀ ଉଚ୍ଚ ବିଦ୍ୟାଳୟରେ ଦଶମ ଶ୍ରେଣୀ ପରୀକ୍ଷା ମୂଲ୍ୟାଙ୍କନ କେନ୍ଦ୍ର କରାଯାଇଛି। ଚଳିତ ବର୍ଷଠାରୁ ଏଠାରେ ଦଶମ ଶ୍ରେଣୀ ପରୀକ୍ଷା ଖାତା ଦେଖାଯିବ। ଏହି ଖବର ପ୍ରଚାର ହେବାପରେ ଶିକ୍ଷକଙ୍କ ମଧ୍ୟରେ ଖୁସି ଦେଖାଦେଇଛି। ସୋମବାର ସେମାନେ ଉମରକୋଟ ବିଧାୟକ ତଥା ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ଭେଟି ଧନ୍ୟବାଦ ଜଣାଇଛନ୍ତି। ଏହି ସମୟରେ ନବରଙ୍ଗପୁର ଜିଲା ଓସ୍ଥା ସଭାପତି ବଂଶୀଧର ଭୂୟାଁ, ସମ୍ପାଦକ ମିହିରକାନ୍ତ ଡାଲି, ଜିଲା କାର୍ଯ୍ୟକାରୀ ସଭାପତି ଦେବାଶିଷ ନନ୍ଦୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦୁଲାଲ ବାରୋଇ, ଜିଲା ଯୁଗ୍ମ ସମ୍ପାଦକ ସୁବ୍ରତ ତ୍ରିପାଠୀ ପ୍ରମୁଖ ଥିଲେ। ସୂଚନାନୁଯାୟୀ, ପୂର୍ବରୁ ଜିଲାର ସମସ୍ତ ହାଇସ୍କୁଲ ଶିକ୍ଷକ ନବରଙ୍ଗପୁର ମାଟ୍ରିକ ପରୀକ୍ଷା ଖାତା ମୂଲ୍ୟାୟନ କରୁଥିଲେ। ଏହାଦ୍ୱାରା ଖାତା ଦେଖାରେ ନିୟୋଜିତ ଶିକ୍ଷକଙ୍କ ଯିବା ଆସିବା ଓ ରହିବାରେ ସମସ୍ୟା ହେଉଥିଲା। ଚନ୍ଦାହାଣ୍ଡି, ରାଇଘର, ଝରିଗାଁ ବ୍ଲକର ଶିକ୍ଷକମାନେ ପ୍ରାୟ ୧୦୦ କିଲୋମିଟର ଦୂର ନବରଙ୍ଗପୁର ଯାଉଥିଲେ। ଏହାକୁ ଦୃଷ୍ଟିରେ ରଖି ନବରଙ୍ଗପୁର ଜିଲା ଶିକ୍ଷକ ସଂଘ ଓସ୍ଥା ପକ୍ଷରୁ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ଡିଇଓ ଛତ୍ରପତି ସାହୁଙ୍କୁ ଉମରକୋଟରେ ମୂଲ୍ୟାୟନ କେନ୍ଦ୍ର ସ୍ଥାପନ ପାଇଁ ଅନୁରୋଧ କରାଯାଇଥିଲା। ଗଣଶିକ୍ଷା ମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ଡିଇଓ ଉମରକୋଟରେ ପରୀକ୍ଷା କେନ୍ଦ୍ର ସପକ୍ଷରେ ପତ୍ର ପ୍ରଦାନ କରିଥିଲେ। ମାଧ୍ୟମିକ ଶିକ୍ଷା ପରିଷଦ ଓଡ଼ିଶା ପକ୍ଷରୁ ଅନୁମତି ମିଳିଛି। ପ୍ରକାଶ ଯେ, ଖାତା ଦେଖା ଚଳିତ ମାସ ମାର୍ଚ୍ଚ ୧୯ରୁ ଆରମ୍ଭ ହେବ। ଯାହା ୧୨ ଦିନ ଧରି ଚାଲିବ। ଏଥିପାଇଁ ବିଭିନ୍ନ ହାଇସ୍କୁଲରୁ ୮୦ରୁ ଉର୍ଦ୍ଧ୍ୱ ଶିକ୍ଷକ ନିୟୋଜିତ ହୋଇଛନ୍ତି।



ଗଣଶିକ୍ଷା ମନ୍ତ୍ରୀଙ୍କୁ ଭେଟି କୃତଜ୍ଞତା ଜଣାଇବାକୁ ଆସିଥିବା ଶିକ୍ଷକମାନେ।

## ଆଜିଠାରୁ ଆଉଟ୍ ସୋର୍ସିଂ କର୍ମଚାରୀଙ୍କ ଗଣଧାରଣା

ନନ୍ଦାହାଣ୍ଡି, ୯।୩(ପ୍ରତୀପ କୁମାର ଦାଶ)

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକରେ କାର୍ଯ୍ୟରତ ଆଉଟସୋର୍ସିଂ କର୍ମଚାରୀ ସୋମବାର ନନ୍ଦାହାଣ୍ଡି ବିଡିଓ କ୍ଷୀରୋଦ ଚନ୍ଦ୍ର ସାହୁଙ୍କୁ ୩ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ସମୂହ ଛୁଟିରେ ଯିବା ପାଇଁ ସେଥିରେ ଉଲ୍ଲେଖ ରହିଛି। ବ୍ଲକ କାର୍ଯ୍ୟାଳୟର ଅନେକ ସରକାରୀ କାର୍ଯ୍ୟ ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ଦ୍ୱାରା କରାଯାଉଛି। ସେମାନଙ୍କର ଅନୁପସ୍ଥିତିରେ କାର୍ଯ୍ୟ ବାଧାପ୍ରାପ୍ତ ହେବାର ଆଶଙ୍କା ରହିଛି। ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ସରକାରୀ କାର୍ଯ୍ୟ କିଭଳି ସମ୍ପାଦନ ବ୍ୟବସ୍ଥା କରାଯିବ ବୋଲି ବିଡିଓ ସାହୁ କହିଛନ୍ତି।

ବିଭିନ୍ନ ବିଭାଗରେ କାର୍ଯ୍ୟରତ ଆଉଟ୍‌ସୋର୍ସିଂ କର୍ମଚାରୀ ବର୍ଷ ବର୍ଷ ଧରି ସଫଳ ଓ ଗୁଣାତ୍ମକ ସେବା ଯୋଗାଇ ଆସୁଛନ୍ତି। ୨୪ ବର୍ଷ ବିଜେଡି ସରକାରରେ ଥିବାବେଳେ ୩୯୭ ଆଉଟ୍‌ସୋର୍ସିଂ କର୍ମଚାରୀ ଛଟେଇ ହୋଇଥିଲେ। ଏହି ସମୟରେ ବିରୋଧୀ ଦଳରେ ଥିବା ଭାଜପା ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ଆନ୍ଦୋଳନ ସପକ୍ଷରେ ଥିଲା। ଏବେ କିନ୍ତୁ ଭାଜପା ସରକାର ଆସିବାର ୧୮ ମାସ ମଧ୍ୟରେ ୩୦୦୦ରୁ ଉର୍ଦ୍ଧ୍ୱ କର୍ମଚାରୀ ଛଟେଇ ହୋଇସାରିଲେଣି। କେନ୍ଦ୍ରୀୟ ଅନୁଦାନ ହ୍ରାସ ଯୋଗୁ ଏଭଳି ଛଟେଇ କରାଯାଉଥିବା ଅଧିକାରୀ କହୁଛନ୍ତି। ଛଟେଇ ହୋଇ ନିଜ ପରିବାର ପ୍ରତିପୋଷଣ ପାଇଁ ସଂଗ୍ରାମ କରୁଛନ୍ତି। ସୋମବାରଠାରୁ ଆଉଟ୍‌ସୋର୍ସିଂ କର୍ମଚାରୀ ୩ ଦଫା ଦାବି ନେଇ ଭୁବନେଶ୍ୱରରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ଗଣଧାରଣା ଦେବେ ବୋଲି ମହାସଂଘ ପକ୍ଷରୁ ନିଷ୍ପତ୍ତି ହୋଇଛି। ଏ ନେଇ ଏକ ଦାବିପତ୍ର ମହାସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦିଆଯାଇଛି। କର୍ମଚାରୀଙ୍କୁ ପୁନଃ ନିଯୁକ୍ତି, ଦୀର୍ଘଦିନର ଅଭିଜ୍ଞତା ଓ ସନ୍ତୋଷଜନକ ସେବାକୁ ବିଚାର କରି ଆଉଟ୍‌ସୋର୍ସିଂ କର୍ମଚାରୀଙ୍କୁ ସ୍ଥାୟୀ କରିବା ଓ ତୃତୀୟ ପକ୍ଷ ଦ୍ୱାରା ନିଯୁକ୍ତ ଆଉଟ୍‌ସୋର୍ସିଂ ଓ ଡେଲିୱେଜେସ ଭଳି ଦୁଇ ପ୍ରକାର ବ୍ୟବସ୍ଥାକୁ ଏକକରି ସମାନ ନ୍ୟାୟ ଦେବାକୁ ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି।



ନନ୍ଦାହାଣ୍ଡି ବିଡିଓ କ୍ଷୀରୋଦ ଚନ୍ଦ୍ର ସାହୁ ଦାବିପତ୍ର ଗ୍ରହଣ କରୁଛନ୍ତି।

## ମହିଳାଙ୍କ ଅଧିକାର, ସୁରକ୍ଷାକୁ ଗୁରୁତ୍ୱ

ପଡିଆ,୯।୩(ଭାସ୍କର ରାଓ)

ମାଲକାନଗିରି ଜିଲା ପଡିଆ ବ୍ଲକର ବିଭିନ୍ନ ସ୍ଥାନରେ ମହିଳା ଦିବସ ପାଳିତ ହୋଇଛି। ଏହି ଅବସରରେ ପଡିଆ ବିଡିଓ ଅଶ୍ୱିନୀ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ୮ ପଞ୍ଚାୟତ ସଦର ମହକୁମାରେ ମହିଳା ସଭା କରାଯାଇଥିଲା। ଏଥିସହ ଆଇଟିସି ମିଶନ ସୁନହରାକାଲ ସହଯୋଗରେ ପରିଚାଳିତ ଆଇଜିଡି ଏନଜିଓ ପକ୍ଷରୁ ବାପନପଲ୍ଲୀ ପଞ୍ଚାୟତ ସଦରରେ ମହିଳା ଦିବସ ପାଳିତ ହୋଇଛି। ସାମୂହିକ ରାଲି କରାଯାଇ ମହିଳା ସଶକ୍ତୀକରଣ ନାରା ଦିଆଯାଇଛି। ପଞ୍ଚାୟତ ସମ୍ମିଳନୀ କକ୍ଷରେ ସ୍ୱତନ୍ତ୍ର ବୈଠକ ମାଧ୍ୟମରେ ଦିବସ ପାଳନର ଆଭିମୁଖ୍ୟ ନେଇ ଅତିଥି ଆଲୋକପାତ କରିଥିଲେ। ବିଭିନ୍ନ କ୍ରୀଡାର କୃତୀ ମହିଳାଙ୍କୁ ପୁରସ୍କୃତ କରାଯାଇଥିଲା। ବୈଠକରେ ବାପନପଲ୍ଲୀ ପଞ୍ଚାୟତ ଏସିଡିଇଓ ନବଘନ ପଡିଆମୀ, ଏମବିକେ କନକଲତା ମଜୁମଦାର ଓ ବାପନପଲ୍ଲୀ ପଞ୍ଚାୟତର ୫୦ରୁ ଉର୍ଦ୍ଧ୍ୱ ମହିଳା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଆଇଜିଡି ଏନ୍‌ଜିଓର ଗୋବିନ୍ଦ ସରଦାର, ଝିଲି ସିଲ ଓ ନୟାମୀ ଖରା ପ୍ରମୁଖ ପରିଚାଳନା କରିଛନ୍ତି।

## ୧୨ ବାଟାଲିୟନ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

ନବରଙ୍ଗପୁର, ୯।୩(ସଦାଶିବ ପ୍ରହରାଜ)

ନବରଙ୍ଗପୁରସ୍ଥିତ ୧୨ ବଟାଲିୟନ ପକ୍ଷରୁ ୮୭ ବର୍ଷ ସିଆରପିଏଫ ଦିବସ ଅବସରରେ ସ୍ୱାସ୍ଥ୍ୟ ଶିବିର ଓ ରକ୍ତଦାନ ଶିବିର ୬ ତାରିଖରୁ ଆରମ୍ଭ ହୋଇଛି। ଯାହାକି ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଜଣାପଡ଼ିଛି। ଉଚ୍ଚ ରକ୍ତଚାପ, ମଧୁମେହ, ମାନସିକ ସ୍ୱାସ୍ଥ୍ୟ ଯାଞ୍ଚ, ପୁଷ୍ଟିକର କାଉନସେଲିଂ ସହ ମହିଳା ଓ ଶିଶୁମାନଙ୍କର ସ୍ୱାସ୍ଥ୍ୟ ଯାଞ୍ଚ କରାଯାଇଛି। ରକ୍ତଦାନ ଶିବିର ୧୨ ବାଟାଲିୟନ କ୍ୟାମ୍ପ ପରିସରରେ ଚାଲିଛି। ମୁଖ୍ୟ ଅତିଥି ଭାବେ କମାଣ୍ଡାଣ୍ଟ ଏନ୍.କେ.କେ ପ୍ରସାଦ ଯୋଗଦେଇ ଶିବିର ଉଦଘାଟନ କରିଥିଲେ। ଏହି ଅବସରରେ କମାଣ୍ଡାଣ୍ଟଙ୍କ ସହିତ ଟି ଆଇସି କ. କେ ସିଂହ, ଅନୀଲ ଅଛି, ଡକ୍ଟର ମାଧବ, ଇନ୍ସପେକ୍ଟର ପି.କେ. ସାହୁଙ୍କ ସମେତ ସମସ୍ତ ଅଧିକାରୀ, ଯବାନ ଓ ଜନସାଧାରଣ ଉପସ୍ଥିତ ଥିଲେ।




ରକ୍ତଦାନ କରିଥିବା ବ୍ୟକ୍ତିଙ୍କୁ ଯବାନମାନେ ପ୍ରମାଣପତ୍ର ଦେଉଛନ୍ତି।

## ଚୁଡ଼ା ମିଲରୁ ଚୋରି ଅଭିଯୋଗରେ ଯୁବକ ଗିରଫ

ଡାବୁଗାଁ, ୯।୩ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦର ମହକୁମାସ୍ଥିତ ଏକ ଚୁଡ଼ା ମିଲରୁ ଚୋରି ଅଭିଯୋଗରେ ସୋମବାର ଡାବୁଗାଁ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ନବରଙ୍ଗପୁର ଥାନା ଅଧୀନ ଦଶରାପଦାର ମେଦିନି ସାହିର ଶିବା ହରିଜନ (୨୮)। ସୋମବାର ଅପରାହ୍ନରେ ଅଭିଯୁକ୍ତ ଶିବାଙ୍କୁ କୋର୍ଟ ଚାଲାଣ କରାଯାଇଛି।

ସୂଚନାନୁଯାୟୀ, ଡାବୁଗାଁ ବ୍ଲକ ଅଧୀନ ଡାବୁଗାଁ– ପାପଡ଼ାହାଣ୍ଡି ମୁଖ୍ୟ ରାସ୍ତା କଡ଼ରେ ଦିନେଶ ସିଂଙ୍କ ଚୁଡ଼ା ମିଲ୍ ରହିଛି। ଗତ ରବିବାର ରାତି ୧୦ଟାରେ ସେ କାମ ସାରି ଡାବୁଗାଁସ୍ଥିତ ନିଜ ଘରକୁ ଯାଇଥିଲେ। ସୋମବାର ସକାଳେ ମିଲ୍‌କୁ ଆସିବା ପରେ ଭିତରେ ଥିବା ୨ଟି ପାଣି ମୋଟର, ଗୋଟିଏ ୱେଲଡିଙ୍ଗ ମେସିନ, ବିଭିନ୍ନ ରେଞ୍ଚ ଓ ଅନ୍ୟ ଲୁହା ସାମଗ୍ରୀ ସବୁ ଚୋରୀ ହୋଇଥିବା ସେ ଦେଖିଥିଲେ। ଦିନେଶ ସିଂ ମିଲ ଭିତରେ ସମସ୍ତ ସ୍ଥାନରେ ଖୋଜାଖୋଜି କରି ସାରିବା ପରେ ଯାଇ ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ଜଣେ ଯୁବକ ଏକ ଅଟୋରେ ବିଭିନ୍ନ ଲୁହା ସାମଗ୍ରୀ ନେଇ ନବରଙ୍ଗପୁର ଆଡ଼କୁ ଯାଉଥିବା ପୋଲିସକୁ ବିଶେଷ ସୂତ୍ରରୁ ଖବର ମିଳିଥିଲା। ପୋଲିସ ଡାବୁଗାଁରୁ କିଛି ଦୂରରେ ଏକ ଅଟୋକୁ ଅଟକାଇ ଯାଞ୍ଚ କରିଥିଲେ। ଚୁଡ଼ା ମିଲ୍‌ରୁ ଚୋରୀ ହୋଇଥିବା ସାମଗ୍ରୀ ଥିବା ପୋଲିସ ଜାଣିବାକୁ ପାଇଥିଲା। ପୋଲିସ ଶିବାଙ୍କ ସହ ଅଟୋକୁ ଥାନାକୁ ଆଣିଥିଲା। ଶିବାଙ୍କୁ ପଚାରିବାରୁ ସେ ଚୋରି କରିଥିବା ମାନିଥିଲେ। ଏହାପରେ ପୋଲିସ ତାଙ୍କୁ ଗିରଫ ସହ ସମସ୍ତ ସାମଗ୍ରୀ ଜବତ କରିଥିଲା। ଏନେଇ ଥାନା କେସ ନଂ ୪୨/୨୬ରେ ଏକ ମାମଲା ରୁଜୁ ହୋଇଛି। ଏସ୍ଆଇ ବିକ୍ରମ କିଶୋର ସାହୁ ତଦନ୍ତ କରୁଛନ୍ତି।

## ବାଇକ୍ ଚୋରି ର୍ୟାକେଟ: ୫ ଗିରଫ

ଆସିକା,୯।୩ (ସୁରେନ୍ଦ୍ର ନାଥ ସାହୁ)

ଗଞ୍ଜାମ ଜିଲା ଆସିକା ପୋଲିସ ବାଇକ୍ ଚୋରି ର୍ୟାକେଟର ୫ ଜଣଙ୍କୁ ଗିରଫ କରି ୧୧ ଚୋରା ବାଇକ୍ ସୋମବାର ଜବତ କରିଛି। ଅଭିଯୁକ୍ତମାନେ ହେଲେ ଆସିକା ସହରର ଦାସୁ ଅନିଲ, ଆଉଲା ଶିବା, ଦାସୁ ଦେବ, ଦାସୁ ଚାଣ୍ଡି ଓ ଦାସୁ ଶିବାଜୀ। ଅଭିଯୁକ୍ତମାନେ ସମସ୍ତ ବାଇକ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ, ଭୁବନେଶ୍ୱର ଭରତପୁର, ବାଲୁଗାଁ ଓ ବ୍ରହ୍ମପୁର ଥାନା ଅଞ୍ଚଳରୁ ଚୋରି କରିଥିବା ତଦନ୍ତରୁ ଜଣାପଡ଼ିଛି। ବାଇକ୍ ଚୋରି ପରେ ଅଭିଯୁକ୍ତମାନେ ନମ୍ବର ପ୍ଲେଟ ସବୁ ବଦଳାଇ ଦେଉଥିଲେ। ଆସିକା ଥାନାରେ ୯୨/୨୬ରେ ମାମଲା ରୁଜୁ ହୋଇଛି।

## ପ୍ରତ୍ୟେକ ପଦବୀ ପାଇଁ ନାମାଙ୍କନ ଦାଖଲ କଲେ ଜଣେ ଲେଖାଏ ପ୍ରାର୍ଥୀ

ଉମରକୋଟ, ୯।୩(ସନ୍ତୋଷ ଶତପଥୀ)

**ଉମରକୋଟ ଓକିଲ ସଂଘ ନିର୍ବାଚନ**

ଚଳିତ ମାସ ମାର୍ଚ୍ଚ ୨୮ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଓକିଲ ସଂଘ ନିର୍ବାଚନ ପାଇଁ ସୋମବାର ଥିଲା ନାମାଙ୍କନ ପତ୍ର ଦାଖଲର ଶେଷ ଦିବସ। ଶେଷ ଦିନରେ ପ୍ରତ୍ୟେକ ପଦବୀ ପାଇଁ ଜଣେ ଜଣେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସଭାପତି ପଦବୀ ପାଇଁ ଆଇନଜୀବୀ ଅରୁଣ ପଟ୍ଟନାୟକ, ଉପସଭାପତି ପଦବୀ ପାଇଁ ଶଙ୍କର ଦେ, ସମ୍ପାଦକ ପାଇଁ କୃଷ୍ଣଚନ୍ଦ୍ର ନନ୍ଦ, ଯୁଗ୍ମ ସମ୍ପାଦକ ପଦବୀ ନିମନ୍ତେ ସୁମନ ସାମଲ, କୋଷାଧ୍ୟକ୍ଷ ପଦବୀ ସକାଶେ ହରିହର ଶତପଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ବରିଷ୍ଠ ଆଇନଜୀବୀ ରବୀନ୍ଦ୍ର ପଟ୍ଟନାୟକ ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇ ଥିଲେ। ମଙ୍ଗଳବାର ପାର୍ଥୀ ପତ୍ର ଯାଞ୍ଚ ହେବ ବୋଲି ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି।

## ମହିଳା ଶିକ୍ଷିତ, ସ୍ୱାବଲମ୍ବୀହେଲେ ସମାଜ ସଶକ୍ତ ହେବ

ଡାବୁଗାଁ, ୯।୩ (ପ୍ରଜ୍ଞାରଞ୍ଜନ ପରିଡ଼ା)

**ଆଇଏସ୍ଆର୍‌ଡି ୱାନ ଷ୍ଟପ ସେଣ୍ଟର, ଶକ୍ତି ସଦନ ପକ୍ଷରୁ ଆନ୍ତର୍ଜାତୀୟ ମହିଳା ଦିବସ**

ନବରଙ୍ଗପୁର ଜିଲା ଡାବୁଗାଁ ଶକ୍ତି ସଦନ ପରିସରରେ ଆଇଏସ୍ଆର୍‌ଡି ୱାନ ଷ୍ଟପ ସେଣ୍ଟର ଓ ସଖୀ ଶକ୍ତି ସଦନ ପକ୍ଷରୁ ଆନ୍ତର୍ଜାତୀୟ ମହିଳା ଦିବସ ସୋମବାର ପାଳିତ ହୋଇଯାଇଛି। ଜିଲାପାଳ ଡ ମହେଶ୍ୱର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଆଇଏସ୍ଆର୍‌ଡି ନିର୍ଦ୍ଦେଶକ ସୁଧୀର ସାବତ ସ୍ୱାଗତ ଭାଷଣ ଦେଇଥିଲେ। ସଶକ୍ତ ଓ ସ୍ୱାବଲମ୍ବୀ ମହିଳା ନିମନ୍ତେ ସମାନ ସୁଯୋଗ ଉପରେ ଆଲୋକପାତ କରାଯାଇଛି। ରଞ୍ଜିତା ସାହୁ କାର୍ଯ୍ୟକ୍ରମର ଲକ୍ଷ୍ୟ ଉଦ୍ଦେଶ୍ୟ ଉପରେ କହିଥିଲେ। ମହିଳାମାନେ କିପରି ଅବହେଳିତ ନିଷ୍ପେସିତ ନ ହୋଇ ସମାଜର ବିକାଶ କ୍ଷେତ୍ରରେ ସାମିଲ ହେବେ ସେ ନେଇ ଜିଲାପାଳ ମତ ଦେଇଥିଲେ। ଜିଲା ସମାଜ କଲ୍ୟାଣ ଅଧିକାରୀ ଦ୍ରୌପଦୀ କହଁର କହିଥିଲେ ମହିଳା ଶିକ୍ଷିତ, ସ୍ୱାବଲମ୍ବୀ ହେଲେ ସମାଜ ସଶକ୍ତ ହେବ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ବିଡିଓ ସମୀର ପାତ୍ର, ମହିଳା ସୁରକ୍ଷା ଅଧିକାରୀ ରୋମା ପଟ୍ଟନାୟକ, ଶିଶୁ ମଙ୍ଗଳ କମିଟି ଅଜନ୍ତା ଶୁଭଦର୍ଶୀନୀ, ଜିଲା ଶିଶୁ ସୁରକ୍ଷା ବିଭାଗ କୁନି ମଣି ସ୍ୱାଇଁ, ଡାବୁଗାଁ ସିଡିପିଓ ମିନତୀ ଦାଶ, ଏଏସ୍ଆଇ ସସ୍ମିତା ଦାଶ, ଡାବୁଗାଁ ଭୈରବ କଲେଜ ଅର୍ଥନୀତି ଅଧ୍ୟାପିକା ଉର୍ମିଳା ବ୍ରହ୍ମା, ଜିଲା ସଂଯୋଜିକା ସରିତା ପାଣି, ସସ୍ମିତା ପାତ୍ର, ସୌରଭ ଉପାଧ୍ୟାୟ ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ସମାଜରେ ନାରୀଙ୍କ ଅବଦାନ ସମ୍ପର୍କରେ ସମସ୍ତେ ମତ ଦେଇଥିଲେ। ଜିଲା ଏବଂ ଡାବୁଗାଁ ବ୍ଲକର ବିଭିନ୍ନ ବିଭାଗର ମହିଳାଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଶକ୍ତି ସଦନ ପକ୍ଷରୁ ଅନ୍ତେବାସୀଙ୍କୁ ନେଇ କରାଯାଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲା ସଂଯୋଜିକା ସରିତା ପାଣି ଧନ୍ୟବାଦ ଅର୍ପଣ କରି ଥିଲେ।

# ଅଭିଯୋଗ ଶୁଣାଣି, ହିତାଧିକାରୀଙ୍କୁ ସହାୟତା

ନବରଙ୍ଗପୁର,୯।୩(ସଦାଶିବ ପ୍ରହରାଜ)



ଜିଲାପାଳ ଓ ଅନ୍ୟ ଅଧିକାରୀଙ୍କ ସହ ସହାୟତା ପାଇଥିବା ହିତାଧିକାରୀମାନେ।

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ସୋମବାର ଜିଲାପାଳ ମହେଶ୍ୱର ସ୍ୱାଇଁ ଏବଂ ଏସ୍‌ପି ମଡକର ସନ୍ଦୀପ ସମ୍ପଦଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଜିଲା ପରିଷଦ ସିଡିଓ ବିରଞ୍ଚି ନାରାୟଣ ଦରୱାନ, ଉପଜିଲାପାଳ ପ୍ରକାଶ କୁମାର ମିଶ୍ର, ବିଡିଓ ମଧୁସୂଦନ ମାଝୀଙ୍କ ସମେତ ସମସ୍ତ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନ ଶୁଣାଣି ଶିବିରରେ ମୋଟ ୩୦ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୨୨ଟି ବ୍ୟକ୍ତିଗତ ଓ ୮ ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଥିଲା। ଗୋଟିଏ ଅଭିଯୋଗର ତତ୍କ୍ଷଣାତ ସମାଧାନ କରାଯାଇଥିଲା। ସାମାଜିକ ସୁରକ୍ଷା ବିଭାଗ ତରଫରୁ ଚିହ୍ନଟ ଦିବ୍ୟାଙ୍ଗମାନଙ୍କୁ ୮ ହୁଇଲ ଚେୟାର ଓ ୨ଟି ଟ୍ରାଇ ସାଇକଲ ପ୍ରଦାନ କରାଯାଇଛି। ବିଭିନ୍ନ କାରଣରୁ ଅଙ୍ଗହୀନ ହୋଇଥିବା ୨ ଜଣ ଦିବ୍ୟାଙ୍ଗଙ୍କୁ କୃତ୍ରିମ ଅଙ୍ଗ ପ୍ରଦାନ ନିମନ୍ତେ ମାପ ନିଆଯାଇଛି। ସେଭଳି ବିଭିନ୍ନ କାରଣରୁ ଆହତ ଏବଂ ଅକ୍ଷମ ୧୩ଜଣ ରୋଗୀଙ୍କୁ ଉତ୍ତମ ଶାରୀରିକ ଚିକିତ୍ସା ନିମନ୍ତେ ଉନ୍ନତ ପୁନର୍ବାସ କେନ୍ଦ୍ରରେ ଯନ୍ତ୍ରଣା ଉପଶମ ଓ ଚିକିତ୍ସା ପାଇଁ ପଦକ୍ଷେପ ନିଆଯାଇଥିବା ସୂଚନା ମିଳିଛି।

# ମହିଳାଙ୍କ ସମସ୍ୟା ଦୂର କରି ସଶକ୍ତ କରିବାକୁ ଆହ୍ୱାନ

## ଲେଡିଜ୍ ୱାର୍କର୍ସ କ୍ଲବର ମହିଳା ଦିବସ

କୋରାପୁଟ,୯।୩(ଅମିତାଭ ବେହେରା)

କୋରାପୁଟ କୋଟସ ସଭାଗୃହରେ ଲେଡିଜ ୱାର୍କର୍ସ କ୍ଲବ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଛି। ଏଥିରେ ଜୟପୁର ବିକ୍ରମଦେବ ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ସହକାରୀ ପ୍ରଫେସର ଡ.କମଳ ମାହୁନ୍ତ ସାମ୍ପ୍ରତିକ ସମୟରେ ମହିଳାଙ୍କ ଭୂମିକା ତଥା ଚଳିତବର୍ଷ ମହିଳା ଦିବସର ପ୍ରସଙ୍ଗ 'ଦେଲେ ପାଇବ' ନେଇ ଆଲୋଚନା କରିଛନ୍ତି। ଅନୁଷ୍ଠାନର ଉପଦେଷ୍ଟା ଆରତି ସେଠୀ ଅତିଥି ପରିଚୟ ଦେଇଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ମହିଳାମାନେ ଦୈନିକ ସାମ୍ନା କରୁଥିବା ସମସ୍ୟା ଓ ମହିଳାଙ୍କୁ ନେଇ ସମାଜରେ ପ୍ରଚଳିତ ଥିବା ଭ୍ରମ ଧାରଣା ଦୂର କରିବାକୁ ଆହ୍ୱାନ ଦେଇଥିଲେ। ଅନୁଷ୍ଠାନର ଉପସଭାପତି ପି.ଜୟଶ୍ରୀ, ସଭାପତି ମଞ୍ଜୁଳା ରାଉତ, ସରକାରୀ ଡିଏଭି ମହାବିଦ୍ୟାଳୟ ସହକାରୀ ପ୍ରଫେସର ଡ.ପ୍ରୀତିଧାରା ସାମଲ ଓ ଡ. ଲୋପାମୁଦ୍ରା ସ୍ୱାଇଁ ପ୍ରମୁଖ ମହିଳା ଦିବସ ନେଇ ମତ ରଖିଥିଲେ। କାର୍ଯ୍ୟକ୍ରମରେ ଡ.ଜଗବନ୍ଧୁ ସାମଲ, ପ୍ରଫେସର ନାରାୟଣ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### କଳାଗୁଡ଼ା ଜଙ୍ଗଲରେ ଚଢ଼ାଉ

ଜୟପୁର,୯।୩(ପବନ ପାଣିଗ୍ରାହୀ)

ଦେଶୀ ମଦ ପ୍ରସ୍ତୁତ ସହ ଲୁଚାଇ ରଖିଥିବା ସୂଚନା ପାଇ ଜୟପୁର ଅବକାରୀ ବିଭାଗ ପକ୍ଷରୁ କଳାଗୁଡ଼ା ଜଙ୍ଗଲରେ ସୋମବାର ଚଢ଼ାଉ କରାଯାଇଛି। ମଦ ମାଫିଆମାନେ ଚମ୍ପଟ ମାରିଥିଲେ। ଅବକାରୀ ବିଭାଗ ୧୨ଶହ ଲିଟର ପୋଚ ଓ ୧୩୦ ଲିଟର ଦେଶୀ ମଦ ଜବତ କରି ନଷ୍ଟ କରିଛି। ମଦରନ୍ଧା ଓ ସରଞ୍ଜାମ ଡ୍ରମ ଆଦିକୁ ଜବତ କରାଯାଇଥିବା ଅବକାରୀ ଥାନା ଓଆଇସି ସୁବ୍ରତ କିଶୋରି ହିରନ ସୂଚନା ଦେଇଛନ୍ତି।

### ଦେଶୀ ମଦଭାଟି ଭାଙ୍ଗିଲା ଜିଲା ପ୍ରଶାସନ




କୋରାପୁଟ,୯।୩(ଅମିତାଭ ବେହେରା)

କୋରାପୁଟ ସହରର ଡିପସାହି ମଧ୍ୟରେ ଥିବା ମଦଭାଟିକୁ ଜିଲା ପ୍ରଶାସନ ପକ୍ଷରୁ ଭଙ୍ଗା ଯାଇଛି। ଦୀର୍ଘ ୪ ଦଶନ୍ଧି ଧରି ସହରର ଢ଼େପସାହିରେ ସରକାରୀ ଜମିରେ ଏହି ମଦ ଭାଟି ରହିଥିଲା। ଏଥିଯୋଗୁ ବହୁ ଲୋକ ମଧ୍ୟପାନ କରି ସର୍ବହରା ହୋଇଥିବା ଅଭିଯୋଗ ହୋଇଥିଲା। ଏହାକୁ ଉଚ୍ଛେଦ କରିବାକୁ କଲୋନିବାସି ବାରମ୍ବାର ଜିଲା ପ୍ରଶାସନ ଓ ସ୍ଥାନୀୟ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ଅବକାରୀ ବିଭାଗ ପକ୍ଷରୁ ଏହି ଭାଟି ପ୍ରାୟ ୧୦ ବର୍ଷ ହେବ ବନ୍ଦ କରାଯାଇଥିଲା। ଏହା ସତ୍ତ୍ୱେ ସେଠାରେ ଦେଶୀ ମଦ ବିକ୍ରି କରାଯାଉଥିଲା। ଏହାକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଦାବି ହେବାରୁ ତହସିଲଦାର ସାୟଦ ସବିର ଶାହଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ତହସିଲଦାର ଭଗବାନ ନାୟକ ଓ ପୋଲିସ ଫୋର୍ସଙ୍କ ଉପସ୍ଥିତରେ ଭାଟିକୁ ଭଙ୍ଗାଯାଇଛି। ଏହାକୁ ସାହିବାସିନ୍ଦା ସ୍ୱାଗତ କରିଛନ୍ତି।

### ଗାୟତ୍ରୀ ଦୀପ ମହାଯଜ୍ଞ

ଜୟପୁର,୯।୩(ପବନ ପାଣିଗ୍ରାହୀ)

ଜୟପୁର ଗାୟତ୍ରୀ ପରିବାର ମାଧ୍ୟମରେ ଗ୍ରାମ କଲ୍ୟାଣ ପାଇଁ ଦୀପ ମହାଯଜ୍ଞ ଅନୁଷ୍ଠିତ ହୋଇଛି। ଏଥିରେ ଗ୍ରାମଦେବୀ ପୂଜକ ଶରତ ପ୍ରଧାନୀ, ବୁଦ୍ଧିଜୀବୀ ମହେନ୍ଦ୍ର ସାହୁ, ରତ୍ନମାଳା ସାହୁ, ଯୋଗେଶ୍ୱରୀ ପାଣିଗ୍ରାହି, ମୁରଲୀ ସାହୁ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ପ୍ରୟାଜ ସଂକଳ୍ପ ୨୫୧ ଗ୍ରାମରୁ ୧୦୦୮ ଦେବ ଦମ୍ପତିଙ୍କ ଦ୍ୱାରା ଶୁଭଖୁଣ୍ଟି ସ୍ଥାପନ, ଭୂମିପୂଜନ କରି ୨୫୧ କୁଣ୍ଡିୟ ଗାୟତ୍ରୀ ମହାଯଜ୍ଞ ଶୁଭାରମ୍ଭ କରିବା ଏହାର ମୂଳ ଲକ୍ଷ୍ୟ। ଏଥିପାଇଁ ସପ୍ତାହକ ମଧ୍ୟରେ ୩୦ରୁ ଉର୍ଦ୍ଧ୍ୱ ଗ୍ରାମକୁ ସମ୍ପର୍କ କରି ଗୋଷ୍ଠୀ କରାଯାଇଥିଲା। କାର୍ଯ୍ୟକ୍ରମକୁ ଜିଲା ଗାୟତ୍ରୀ ପରିବାର ସମନ୍ୱୟକ ରତ୍ନମ୍ବରା ପାତ୍ର, ସପ୍ତସୂତ୍ରୀ କାର୍ଯ୍ୟକ୍ରମ ପ୍ରମୁଖ ନିରଞ୍ଜନ ପାଣିଗ୍ରାହୀ, କୋରାପୁଟ ଜିଲା ବ୍ଲକ ସମନ୍ୱୟ ଗଙ୍ଗାଧର ପାଣିଗ୍ରାହୀ,ସମ୍ପାଦକ ଗୋପାଳ ପାତ୍ର ସହଯୋଗ କରିଥିଲେ।

# କୃଷକ କଲ୍ୟାଣ ମଞ୍ଚର ଯୋଗାଣ ମନ୍ତ୍ରୀଙ୍କୁ ଦାବିପତ୍ର

ଜୟପୁର,୯।୩(ପବନ ପାଣିଗ୍ରାହୀ)

କୋରାପୁଟ କୃଷକ କଲ୍ୟାଣ ମଞ୍ଚ ପକ୍ଷରୁ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ସୋମବାର ଦାବିପତ୍ର ପ୍ରଦାନ କରାଯାଇଛି। ମଞ୍ଚର ସାଧାରଣ ସମ୍ପାଦକ ନରେନ୍ଦ୍ର କୁମାର ପ୍ରଧାନ ୨୪ ଦଫା ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ ବାରମ୍ବାର ରବି ଓ ଖରିଫ ଋତୁରେ ପଞ୍ଜୀକରଣ କରା ନ ଯାଉ, ସରକାରୀ ତଥ୍ୟ ଅନୁସାରେ ରାଜସ୍ୱ ବିଭାଗ, କୃଷି ବିଭାଗ, କ୍ରୟକାରୀ ସଂସ୍ଥା ଓ ଚାଷୀଙ୍କୁ ନେଇ ଫିଲ୍ଡ ପର୍ଯ୍ୟବେକ୍ଷଣ କରି ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିବା ଚାଷୀଙ୍କୁ ବିକ୍ରି ଯୋଗ୍ୟ ଟୋକେନ ଥରକେ ପ୍ରଦାନ କରାଯାଉ, ନଭେମ୍ବର ମାସରେ ମଣ୍ଡି ଆରମ୍ଭ କରିବା, ଡିଏଲପିସି ବୈଠକ ନିଷ୍ପତ୍ତି ଅନୁସାରେ ନିର୍ଦ୍ଧାରିତ ଦିବସରେ ଧାନ କିଣାଯାଉନାହିଁ। ଏଫଏକ୍ୟୁ ଧାନରେ ଶତକଡ଼ା ୧୦ ଭାଗ ଖରାପ ଧାନ ରହୁଥିବା ବେଳେ ଚାଷୀଙ୍କୁ ଏଫଏକ୍ୟୁ ନାମରେ ଅଧିକା ୫ରୁ ୧୦ କେ.ଜି. ଧାନ ନିଆଯାଉଛି। ଏହାକୁ ବନ୍ଦ କରାଯାଉ। ଚାଷୀଙ୍କ ଧାନ ଏଫଏକ୍ୟୁ ନାହିଁ ବୋଲି କହୁଥିବା ବେଳେ ମିଲର୍ ସରକାରଙ୍କୁ ଏଫଏକ୍ୟୁ ଚାଉଳ ଦେଉଛନ୍ତି ତାହାର ତଦନ୍ତ କରିବାକୁ ଦାବି କରାଯାଇଛି।

ଜିଲାରେ ଧାନ କ୍ରୟ ପାଇଁ ଖାଲି ଅଖା, ମଣ୍ଡି ହେଣ୍ଡେଲିଂ ଖର୍ଚ୍ଚ, କଟନୀଛଟନୀ ଓ ପରିଚାଳନା ବାବଦରେ ୫୦ରୁ୮୦ କୋଟିର ଦୁର୍ନୀତି ହୋଇଛି। ଏହାର ନିରପେକ୍ଷ ତଦନ୍ତ କରିବାକୁ କୁହାଯାଇଛି। ଡିଏସ୍ଏର୍‌ଜିକୁ ଧାନ କିଣିବାରୁ ବାଦ ଦେଇ ଗ୍ରାମ ପଞ୍ଚାୟତକୁ ଧାନ କିଣାରେ ସଂଶ୍ଳିଷ୍ଟ କରିବା, ଖରିଫ ଋତୁରେ ବିନା କଟନୀଛଟନୀରେ ଚାଷୀଙ୍କ ଧାନ ବିକ୍ରିକୁ ସାର୍ବଜନୀନ କରିବା, ଓଡ଼ିଶାରେ ଛତିଶଗଡ଼ ଭଳି ଟୋକେନ, ଧାନକିଣା, ମଣ୍ଡି ବ୍ୟବସ୍ଥା କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଦାବିପତ୍ରର ନକଲ କୋରାପୁଟ ଜିଲାପାଳ, ଜୟପୁର ଉପଜିଲାପାଳ, ଡିଆର୍‌ସିଏସଙ୍କୁ ପ୍ରଦାନ କରାଯାଇଛି ।

# ରାସ୍ତା, କଲ୍‌ଭର୍ଟ ନିର୍ମାଣ ସହ ପାଣି ସମସ୍ୟା ସମାଧାନ ଦାବି



ଶିବିରରେ ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

ନନ୍ଦପୁର/ପାଡୁଆ, ୯।୩
(ତୁଷାର କାନ୍ତ ମହାନ୍ତି/ଶଙ୍କର ପୂଜାରୀ)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ପ୍ରଶାସନ ପକ୍ଷରୁ କୁଲାରସିଂ ପଞ୍ଚାୟତ କାର୍ଯ୍ୟାଳୟରେ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ଦୁର୍ଗା ପ୍ରସାଦ ଦୋରା, ସହକାରୀ ଯନ୍ତ୍ରୀ ଗୋପାଳ ମିଞ୍ଜ,ସିଆରସିସି, ମହିଳା ଓ ଶିଶୁ ବିକାଶ ବିଭାଗର ପରିଦର୍ଶିକା, ସରପଞ୍ଚ ଭଗବତି କିର୍ସାନୀ ଓ ସମିତିସଭ୍ୟ ନାଗମା ପାଣ୍ଡିଆ ଉପସ୍ଥିତ ଥିଲେ। ପଞ୍ଚାୟତବାସୀ ବିଜୁ ପଟ୍ଟନାୟକ ହାଇସ୍କୁଲକୁ ଯାତାୟାତ ପାଇଁ ମେଟାଲ ମୋରମ ରାସ୍ତା ଓ କଲଭର୍ଟ ନିର୍ମାଣ, କଣ୍ଟାଗାଁ ଶିବ ମନ୍ଦିର, ଆଦିବାସୀ ସାହି ଓ ପାଣିଘାଟକୁ ରାସ୍ତା ନିର୍ମାଣ, କୁମିଗୁଡ଼ାରେ ସିସି ରାସ୍ତା ଓ ଡ୍ରେନ ନିର୍ମାଣ, ବୁଡ଼ିଙ୍ଗ, କୁମ୍ଭିଗୁଡ଼ାରେ ଡ୍ରେନ କଲଭର୍ଟ ଓ ପାଭାର ବ୍ଲକ ରାସ୍ତା ନିର୍ମାଣ, ବଡେଲା, ମାଦିପୁଟ, କୁଇଲାଙ୍ଗପୁଟ, କଣ୍ଟା ଗ୍ରାମ ଓ ଲାମ୍ପି ବିଦ୍ୟାଳୟରେ ନୂତନ ନଳକୂପ ଖନନ, କଫି ଚାଷ ପାଇଁ କୁମ୍ଭିଗୁଡ଼ା ଗାଁ ପାହାଡ଼ରେ ଛାୟାବୃକ୍ଷ ରୋପଣ ଆଦି ନେଇ ୧୫ ସମସ୍ୟା ସମ୍ବଳିତ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ଏହାକୁ ପଞ୍ଜୀକୃତ କରାଯାଇଛି, ଜିଲା ଓ ବ୍ଲକସ୍ତରୀୟ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ସମସ୍ୟା ସମାଧାନ କରାଯିବ ବୋଲି ବିଡିଓ ଦୋରା ସୂଚନା ଦେଇଛନ୍ତି। ପିଇଓ ଉଷା ରାଣୀ ନାୟାର ଶିବିର ପରିଚାଳନା କରିଥିଲେ।

# ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି

ଜୟପୁର,୯।୩(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ବ୍ଲକ ଅଧୀନ ଜୟନ୍ତିଗିରିରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଓ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଛି। ଏଥିରେ ବିଡିଓ ଶକ୍ତି ମହାପାତ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ବିଜୟ ନନ୍ଦ, ସହକାରୀ ଯନ୍ତ୍ରୀ ରଞ୍ଜିତା ରାଣି ପଣ୍ଡା, କନିଷ୍ଠ ଯନ୍ତ୍ରୀ ତୃପ୍ତି ଦାସ ଓ ସରପଞ୍ଚ ଭଦ୍ର ପୁଜାରି ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ପଞ୍ଚାୟତର ବିଭିନ୍ନ ଗ୍ରାମର ଗ୍ରାମବାସୀ ବିଭାଗର ଅଧିକାରୀମାନଙ୍କୁ ପାନୀୟ ଜଳ ସମସ୍ୟା, ବିଦ୍ୟାଳୟ ନିକଟରେ ଥିବା ପଥର କୁଆଁରି ବନ୍ଦ କରିବାକୁ ଦାବି କରିଛନ୍ତି। ଛାତ୍ରୀଛାତ୍ର, ଗ୍ରାମବାସୀ ଆତଙ୍କିତ ରହୁଥିବାରୁ ଏହାକୁ ବନ୍ଦ କରିବାକୁ କୁହାଯାଇଛି। ଅଧିକାରୀମାନେ ବିଭିନ୍ନ ସରକାରୀ ଯୋଜନାର ଲାଭ ପାଇବା ନେଇ ସଚେତନ କରିଥିଲେ।



# ଜୟପୁରରେ ଲୋକ ଅଧିକାର ଯାତ୍ରା




ଜୟପୁର,୯।୩(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁରରେ ଲୋକ ଅଧିକାର ଯାତ୍ରାର ସଦସ୍ୟମାନେ ପହଞ୍ଚି ସୋମବାର ଖବରଦାତା ସମ୍ମିଳନୀ କରିଛନ୍ତି। ଯାତ୍ରାର ନେତୃତ୍ୱ ନେଉଥିବା ଗ୍ରୀନ ନୋବେଲ ବିଜେତା ତଥା ଲୋକ ଶକ୍ତି ଅଭିଯାନ ରାଷ୍ଟ୍ରୀୟ ଆବାହକ ପ୍ରଫୁଲ୍ଲ ସାମନ୍ତରା ଅବିଭକ୍ତ କୋରାପୁଟ ଜିଲା ଆବିଚରିତ ଖଣି ଖନନ ଦ୍ୱାରା ପ୍ରାକୃତିକ ସମ୍ବଳ ଶୂନ୍ୟ ହେବାକୁ ଯାଉଛି। ଏଥିପାଇଁ ଗୁରୁତ୍ୱପୂର୍ଣ୍ଣ ଜଙ୍ଗଲ ସମ୍ପଦ ନଷ୍ଟ ହେବା ସହ ଜଳ ଉତ୍ସଗୁଡ଼ିକ ସରିଯିବ ବୋଲି କହିଛନ୍ତି। ମାଳି ପର୍ବତ ଓ ନାଗେଶ୍ୱରୀ ପାହାଡ଼ରେ ବକ୍ସାଇଟ ଖନନ କୋଲାବ ନଦୀକୁ ପୋତି ପକାଇବ ବୋଲି ଲୋକଙ୍କୁ କହିଛନ୍ତି। ପ୍ରାକୃତିକ ସମ୍ବଳ ସୁରକ୍ଷା ପାଇଁ ଗଣତାନ୍ତ୍ରିକ ଆନ୍ଦୋଳନ ଉପରେ ହେଉଥିବା ରାଷ୍ଟ୍ର ଦମନ ବନ୍ଦ କରିବାକୁ ସେ ନିବେଦନ କରିଛନ୍ତି। ଯାତ୍ରାରେ ଏନଏପିଏମର ରାଜ୍ୟ ଆବାହକ ନରେନ୍ଦ୍ର ମହାନ୍ତି, ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ଡା ବିଶ୍ୱଜିତ୍, ଲୋକ ଶକ୍ତି ଅଭିଯାନ ସମ୍ପାଦକ କଲ୍ୟାଣ ଆନନ୍ଦ,ଚାଷୀ ମୂଳିଆ ଆଦିବାସୀ ସଂଘ ନେତା ନାଚିକା ଲିଙ୍ଗା ପ୍ରମୁଖ ସାମିଲ ହୋଇଛନ୍ତି। ଜୟପୁରରେ ଶ୍ରମିକ ନେତା ପ୍ରମୋଦ କୁମାର ମହାନ୍ତି, କୃଷକ ନେତା ଯୁଧିଷ୍ଠିର ରାଉଳ, ସିପିଆଇ ଜିଲା ସମ୍ପାଦକ ରାମକୃଷ୍ଣ ଦାସ, ଯୁବ ସଂଘ ନେତା ପ୍ରଦୀପ ସେଠୀ ଓ କୁମର ଜାନି ପ୍ରମୁଖ ଯାତ୍ରାକୁ ସ୍ୱାଗତ କରିଥିଲେ।

# ୬ ଅଭିଯୋଗ ଶୁଣିଲେ ଅଧିକାରୀ



ଶିବିରରେ ଉପସ୍ଥିତ ଅଧିକାରୀମାନେ।

ସୁନାବେଡା/ସେମିଳିଗୁଡ଼ା,୯।୩
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

କୋରାପୁଟ ଜିଲା ସେମିଳିଗୁଡା ବ୍ଲକ ପାକଖୋଲା ପଞ୍ଚାୟତରେ ମିଳିତ ଜନ ଅଭିଯୋଗ ଶୁଣାଣି ଓ ସଚେତନତା ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ବ୍ଲକ ଉନ୍ନୟନ ଅଧିକାରୀ(ଏବିଡିଓ) ବସନ୍ତ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ୬ ଅଭିଯୋଗର ଶୁଣାଣି ହୋଇଥିଲା। ଏଥିରେ ନୂଆ ଏକ ବନ୍ଧ ଖୋଳିବା, ଭତା,ଅଙ୍ଗନୱାଡି କେନ୍ଦ୍ରରେ ପାଇଖାନା ସହ ବାଉଣ୍ଡ୍ରି ୱାଲ ନିର୍ମାଣ ଆଦି ସମସ୍ୟା ରହିଥିଲା। ଅଭିଯୋଗଗୁଡ଼ିକର ତୁରନ୍ତ ସମାଧାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଶିବିରରେ ବ୍ଲକ ସହକାରୀ ଯନ୍ତ୍ରୀ ପ୍ରତିମୟୀ ପାଣିଗ୍ରାହୀ, ବିଏସ୍ଏସ୍ଓ ଟି.ଶୁରଭି,ବିପିସି ପେଶା ପ୍ରମୋଦ ଖିଲ, ବିପିଏ ସୁନୀଲ ଗରଡା, ଉଦ୍ୟାନ ବିଭାଗ ସମରା ଖରା, ଫରେଷ୍ଟ ବିଭାଗ ସୌମ୍ୟରଞ୍ଜନ ବେହେରା, ସରପଞ୍ଚ ପଦ୍ମିନୀ ଆଲାତିଆ ଉପସ୍ଥିତ ଥିଲେ। ଶିବିରରେ ହାକୁଗୁଡ଼ା ପାଇଁ ବନ୍ଧ ଖୋଳିବା, କୁମ୍ଭୀଗୁଡ଼ାର କେତେକ ହିତାଧିକାରୀ ବାର୍ଦ୍ଧକ୍ୟ ଭତା ସମସ୍ୟା ନେଇ ଅଭିଯୋଗ କରିଥିଲେ। ପାକଖୋଲା ଅଙ୍ଗନୱାଡି କେନ୍ଦ୍ରରେ ପାଇଖାନା ଓ ବାଉଣ୍ଡ୍ରି ୱାଲ ନିର୍ମାଣ ପାଇଁ ଅଭିଯୋଗ ହୋଇଛି। ସମସ୍ତ ବିଭାଗୀୟ ଅଧିକାରୀ ସରକାରୀ ଯୋଜନା ନେଇ ଲୋକଙ୍କୁ ସଚେତନ କରିଥିଲେ।

# ହାତମିଳାଇ ସୁନାମୁଦି ନେଇଗଲେ

ଦିଗପହଣ୍ଡି,୯।୩(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ଗ୍ରାମର ଚିନ୍ନାରି.ରାଘବ ସୁବୁଦ୍ଧି ରବିବାର ସାନ୍ଧ୍ୟ ଭ୍ରମଣରେ ଯାଉଥିବା ବେଳେ ଗାଁ ର ଶେଷ ମୁଣ୍ଡରେ ଜଣେ ହେଲମେଟ୍ ପିନ୍ଧିଥିବା ଅଜଣା ବ୍ୟକ୍ତି ସ୍କୁଟି ରଖି ରାସ୍ତା କଡରେ ଠିଆ ହୋଇଥିଲେ। ଉକ୍ତ ବ୍ୟକ୍ତି ଜଣଙ୍କ ରାଘବଙ୍କୁ ନମସ୍କାର କରି ତାଙ୍କ ସହ କଥାବାର୍ତ୍ତା ହୋଇଥିଲେ। ପରେ ତାଙ୍କ ସହ ହାତମିଳାଇ ରାଘବଙ୍କ ଆଙ୍ଗୁଠିରୁ ସୁନାମୁଦିକୁ ଟାଣି ନେଇ ଚମ୍ପଟ ମାରିଥିଲେ। ଏନେଇ ରାଘବ ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତିକରି ଆଇଆଇସି କିଶୋର ସାମଲ ମାମଲା ନଂ. ୯୩/୨୬ ମମଲା ରୁଜୁ କରିଛନ୍ତି।

# ସମସ୍ତ ମହିଳା ନିଜକୁ ସଶକ୍ତ କରି ଲକ୍ଷ୍ୟ ହାସଲ କରିବାକୁ ପରାମର୍ଶ



ଡକ୍ଟର ରାଇମତି ଘିଉରିଆଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ସୁନାବେଡା,୯।୩
(କୃତ୍ତିବାସ ପ୍ରଧାନ)

କୋରାପୁଟ ଜିଲା ସୁନାବେଡ଼ା ମହିଳା ସ୍ନାତକ ମହାବିଦ୍ୟାଳୟ ପକ୍ଷରୁ ଏନ୍ଏସ୍ଏସ୍, ୱାଇଆରସି ଓ ଆମ କଲେଜ ଆମ ଗୌରବର ମିଳିତ ଆନୁକୂଲ୍ୟରେ ଅନ୍ତର୍ଜାତୀୟ ମହିଳା ଦିବସ ସୋମବାର ପାଳିତ ହୋଇଯାଇଛି। ଏଥିରେ ମିଲେଟ କୁଇନ ଡକ୍ଟର ରାଇମତି ଘିଉରିଆ ନିଜ ସଂଘର୍ଷର କାହାଣୀ ଓ ସଫଳତା ଆଲୋଚନା କରି ଛାତ୍ରୀମାନଙ୍କୁ ପାଠ ପଢ଼ିବା ସହ ବିଭିନ୍ନ ଉଦ୍ୟୋଗରେ ଜଡିତ ହେବାକୁ ଉପଦେଶ ଦେଇଥିଲେ। ଏଡିଇଓ ଚମେଲି ମଜୁମଦାର ସମସ୍ତ ମହିଳା ଧୈର୍ଯ୍ୟ, ସ୍ନେହ ମମତା ଦ୍ୱାରା ନିଜକୁ ସଶକ୍ତ କରି ଲକ୍ଷ୍ୟ ହାସଲ କରିବାକୁ ଉପଦେଶ ଦେଇଥିଲେ। ଆଇନଜୀବୀ କୋରାପୁଟ ଡକ୍ଟର ଗାୟତ୍ରୀ ଦେବୀ ଯୋଗଦେଇଥିଲେ। ଚିଫ ମେଡିକାଲ ଅଫିସର ରୋଶନି ଜେସ, ସୁନାବେଡ଼ା ସିଡିପିଓ ନଳିନୀ ବେହେରା ଓ ପୂର୍ବତନ ଛାତ୍ରୀ ତଥା ଗୁରୁକୁଳ ପ୍ଲେ ସ୍କୁଲ ଅଧ୍ୟକ୍ଷା ସାରଦା ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟକ୍ଷା ଉଷାରାଣୀ ଦାସ ମଞ୍ଚ ପରିଚାଳନା କରିଥିଲେ। ସମାଜରେ ନାରୀ ଓ ପୁରୁଷ ମୁଦ୍ରାର ୨ ପାର୍ଶ୍ୱ ଭଳି ପରସ୍ପର ପରିପୂରକ ଭାବେ ସମାନତାରେ ଆଗେଇବାକୁ କହିଥିଲେ। ଆମ ଗୌରବ ଓ ଆମ କଲେଜ ସଂଯୋଜିକ ବାସନ୍ତୀ ପଟ୍ଟନାୟକ ସଭା କାର୍ଯ୍ୟ ଆରମ୍ଭ କରିଥିଲେ। ୱାଇଆରସି କାଉନସିଲର ଶୁଭଶ୍ରୀ ପରିଡ଼ା ଧନ୍ୟବାଦ ଦେଇଥିଲେ। ବୋରିଗୁମ୍ମା ଭୈରବ ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ସୌମେନ୍ଦ୍ର ସ୍ୱାଇଁ ମତ ଉପସ୍ଥାପନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ମୌଳିକ ସୁବିଧାରୁ ବଞ୍ଚିତ ବାଇରପଡ଼ା ଗ୍ରାମବାସୀ

■ ପାହାଡ଼ ଶିଖରରେ ବିତୁଛି ଜୀବନ
■ ଗାଁରେ ନାହିଁ ସ୍କୁଲ, ଅଙ୍ଗନୱାଡି କେନ୍ଦ୍ର

କୋରୁକୋଣ୍ଡା,୯।୩(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ୍ ତାର୍ଲାକୋଟା ପଞ୍ଚାୟତ ବନୁର ରାଜସ୍ୱ ଗ୍ରାମ ଅଧୀନ ବାଇରପଡ଼ା ଗ୍ରାମବାସୀ ମୌଳିକ ସୁବିଧାରୁ ବଞ୍ଚିତ ରହିଛନ୍ତି। ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ ସେବା ସେମାନଙ୍କ ପାଇଁ ଅପହଞ୍ଚ ହୋଇଛି। ପଞ୍ଚାୟତ କାର୍ଯ୍ୟାଳୟଠାରୁ ୧୦ କି.ମି. ଦୂର ବନୁର ଗାଁରୁ ରାସ୍ତା ପାର୍ଶ୍ୱରେ ଥିବା ଘଞ୍ଚ ଜଙ୍ଗଲରୁ ପ୍ରାୟ ୪ କି.ମି. ପାହାଡ଼ ଶିଖରରେ ବାଇରପଡ଼ା ଗ୍ରାମ ରହିଛି। ଏହି ଗ୍ରାମକୁ ବର୍ଷତମାମ କୌଣସି ଅଧିକାରୀଙ୍କ ପାଦ ପଡ଼େ ନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଭୋଟ ସମୟରେ ରାଜନେତାଙ୍କ ଦେଖା ମିଳେ। ଏହା ପରେ ସମସ୍ତେ ଭୁଲି ଯାଆନ୍ତି ବୋଲି ସେମାନେ କହିଛନ୍ତି। ଗାଁକୁ ଯାତାୟାତ ପାଇଁ ପକ୍କା ରାସ୍ତା ନ ଥିବା ବେଳେ ଗଛଲତା ଭରା ପଥୁରିଆ ରାସ୍ତାରେ ଲୋକେ ଦୈନିକ ବିପଦସଙ୍କୁଳ ଅବସ୍ଥାରେ ଚଳପ୍ରଚଳ ହେଉଥିବା ଦେଖିବାକୁ ମିଳିଛି। ବାଇରପଡାରେ ପ୍ରାୟ ୧୨ରୁ ଉର୍ଦ୍ଧ୍ୱ ପରିବାରର ୬୦ରୁ ଉର୍ଦ୍ଧ୍ୱ ଆଦିବାସୀ ସମ୍ପ୍ରଦାୟ ଲୋକ ଦୀର୍ଘ ୪୦ ବର୍ଷରୁ ଅଧିକ ଦିନ ହେବ ରହୁଛନ୍ତି। ଘଞ୍ଚ ଜଙ୍ଗଲ ପାହାଡ଼ ଘେରିରେ ଥିବା ଏହି ଗାଁ ବାହ୍ୟଜଗତରୁ ଏକ ପ୍ରକାର ବିଚ୍ଛିନ୍ନ ହୋଇରହିଛି। ଗାଁରେ ଏକ ପୁରୁଣା ନଳକୂପ ଓ କୂଅ ରହିଛି। ଖରା ଦିନେ ହେଲେ କୂଅରୁ ପାଣି ଶୁଖି ଯାଉଛି। ନଳକୂପରୁ ଲୋକଙ୍କ ଆବଶ୍ୟକତା ଅନୁସାରେ ପାଣି ମିଳେ ନାହିଁ। ଗାଁଠାରୁ ପ୍ରାୟ ୫ ଶହ ମିଟର ଦୂର ଏକ ନାଳ ପାଣି ଗ୍ରାମବାସୀଙ୍କ ଭରସା। ବାଇରପଡାରେ ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ର ନ ଥିବା ଜଣାପଡ଼ିଛି। ଗାଁଠାରୁ ୩ କି.ମି ଦୂର ବନୁର ଗ୍ରାମକୁ ଯାଇ ପିଲା ପାଟ ପଢୁଥିବା ଗ୍ରାମବାସୀ କହିଛନ୍ତି। ଘଞ୍ଚ ଜଙ୍ଗଲିଆ ରାସ୍ତାରେ ପାଠ ପଢିବାକୁ ସେମାନଙ୍କ ପିଲାଙ୍କୁ ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ରକୁ ଛାଡିବାକୁ ଅଭିଭାବକ ଅରାଜି ହେଉଛନ୍ତି। ଭଲ ରାସ୍ତା ନ ଥିବାରୁ ବାଇରପଡାବାସୀ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ରହୁଛନ୍ତି। ଗାଁକୁ ଆମ୍ବୁଲାନ୍ସ ଓ ଅନ୍ୟ ଗାଡି ଆସିପାରେ ନାହିଁ। ଏଥିଯୋଗୁ ଗର୍ଭବତୀ ଓ ଗୁରୁତର ରୋଗୀଙ୍କୁ ମେଡିକାଲ ନେବାକୁ ସମସ୍ୟା ହେଉଥିବା ସୂଚନା ଦେଇଛନ୍ତି। ଗାଁର ଶିଶୁ ଓ ଗର୍ଭବତୀମାନେ ପୁଷ୍ଟିକର ଖାଦ୍ୟ ପାଇ ପାରୁନାହାନ୍ତି। ଭଉ୍, ଚାଉଳ ଓ ଅନ୍ୟାନ୍ୟ ସାମଗ୍ରୀ ଆଣିବାକୁ ଗ୍ରାମବାସୀଙ୍କୁ ପ୍ରାୟ ୩ କି.ମି ପାହାଡରୁ ଓହ୍ଲାଇ ବନୁର ଗ୍ରାମକୁ ଯାଇ ଭାର କିମ୍ବା ମୁଣ୍ଡରେ ମୁଣ୍ଡାଇ ବୋହିଆଣିବାକୁ ପଡୁଛି। ଗାଁରେ ବିଦ୍ୟୁତ୍‌କାଟ ହେଲେ ଅନିର୍ଦ୍ଦିଷ୍ଟ କାଳ ଯାଏ ଲୋକଙ୍କୁ ଅନ୍ଧାରରେ ରହିବାକୁ ପଡ଼େ ବୋଲି କହିଛନ୍ତି। ଦୀର୍ଘ ବର୍ଷରୁ ଗାଁର ବିଭିନ୍ନ ସମସ୍ୟାର ସ୍ଥାୟୀ ସମାଧାନ ଓ ଆବଶ୍ୟକୀୟ ମୌଳିକ ସୁବିଧା ଯୋଗାଇ ଦେବାକୁ ଗ୍ରାମବାସୀ ପଞ୍ଚାୟତ କର୍ତ୍ତୃପକ୍ଷ, ବ୍ଲକ ପ୍ରଶାସନ ନିକଟରେ ଗୁହାରି କରୁଥିଲେ ସୁଦ୍ଧା କେହି କର୍ଣ୍ଣପାତ କରୁ ନ ଥିବା ଗ୍ରାମର ଜୟସେନ ଆଲଙ୍ଗ, ଉଦ୍ଧବ ଶ୍ରୀଗାମ, ରାମଚନ୍ଦ୍ର ଶ୍ରୀଗାମ, ଜଗତରାମ ଶ୍ରୀଗାମ ଅଭିଯୋଗ କରିଛନ୍ତି। ଜିଲା ପ୍ରଶାସନ ଦୃଷ୍ଟି ଦେବା ସହ ଗ୍ରାମର ସମସ୍ୟା ସମାଧାନ କରିବାକୁ ଗ୍ରାମବାସୀ ନିବେଦନ କରିଛନ୍ତି।


ଜଙ୍ଗଲ ମଧ୍ୟରେ ପାହାଡ଼ ଶିଖରରେ ଥିବା ବାଇରପଡ଼ା ଗାଁ ମାଟି ରାସ୍ତା।

# ମଣ୍ଡି ଅବ୍ୟବସ୍ଥାର ଫାଇଦା ନେଉଛନ୍ତି ଛତିଶଗଡ଼ ଦଲାଲ

## ଖୋଲାରେ ପଡ଼ିରହିଛି ହଜାର ହଜାର କୁଇଣ୍ଟାଲ ଧାନ

■ ନଗଦରେ ଅଳ୍ପ ଟଙ୍କା ଦେଇ ଓଡ଼ିଶାରୁ କିଣିନେଉଛନ୍ତି
■ ସମସ୍ୟା ସମାଧାନ ନ ହେଲେ ଚାଷୀଙ୍କ ଆନ୍ଦୋଳନ ଚେତାବନୀ



ଚନ୍ଦାହାଣ୍ଡି, ୯।୩ (ହିମାଂଶୁ ଦାସ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକରେ ଧାନ ମଣ୍ଡି ଆରମ୍ଭରୁ ଚାଷୀ ହୀନସ୍ତା ହେଉଛନ୍ତି। କଟନିଛଟନି ବାରଣ ସତ୍ତ୍ୱେ ମିଲରଙ୍କୁ କଟନୀ ବାବଦକୁ ୪ ରୁ ୭ କେଜି ଧାନ ଦେବାକୁ ଚାଷୀ ରାଜି ହେଲେ। ତଥାପି ମଣ୍ଡିରୁ ନିୟମିତ ଧାନ ଉଠୁନି। ବ୍ଲକର ବିଭିନ୍ନ ମଣ୍ଡିରେ ପ୍ରାୟ ଲକ୍ଷରୁ ଉର୍ଦ୍ଧ୍ୱ ବସ୍ତା ପଡ଼ି ରହିଛି। ପ୍ରାୟ ୪ମାସ ତଳେ ମଣ୍ଡି ଆରମ୍ଭ ସମୟର ଧାନ ମଧ୍ୟ ଏବେ ଯାଏ ପଡ଼ି ରହିଛି। ଓଡ଼ିଶାରେ ମଣ୍ଡିର ଅବ୍ୟବସ୍ଥାକୁ ନେଇ ଛତିଶଗଡ଼ ଦଲାଲ୍ ସକ୍ରୀୟ ଅଛନ୍ତି। ଚାଷୀଙ୍କଠାରୁ କମ୍ ଦରରେ ନଗଦ ଟଙ୍କା ଦେଇ ଧାନ ଛତିଶଗଡ଼ ଚାଲାଣ କରାଯାଉଛି। ସେମାନଙ୍କ ପାଇଁ କୌଣସି ପ୍ରତିବନ୍ଧକ ନାହିଁ। ପ୍ରଶାସନ ପକ୍ଷରୁ ଓଡ଼ିଶା ସୀମାରେ ତନଖି ଫାଟକ ଲାଗିବା ନିୟମ ଥିଲେ ମଧ୍ୟ ସବୁ ସୀମା ମୁକୁଳା ପଡ଼ିଛି।

ପ୍ରଶାସନିକ ଅଧିକାରୀଙ୍କୁ ଅନେକ ଗୁହାରି ପରେବି କେହି ଶୁଣୁନ ଥିବାରୁ ଏବେ ଆନ୍ଦୋଳନ କରାଯିବ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି।

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକର ୬ ମଣ୍ଡିରୁ ବର୍ତ୍ତମାନ ସୁଦ୍ଧା ନିୟମିତ ଧାନ ଉଠିପାରୁନି। ଚନ୍ଦାହାଣ୍ଡି ବ୍ଲକର ଧୋଡ଼ିପାଣି, ଚିଲିଗାଁ, କୋଇଲିମୁଣ୍ଡା, ପୂଜାରିଗୁଡ଼ା, ଚନ୍ଦାହାଣ୍ଡି ଓ ଶରଧାପୁର୍ ମଣ୍ଡିରେ ୩୭୮ଟି ଚାଷୀଙ୍କ ୫୫ ହଜାର ବସ୍ତା ଧାନ ପଡ଼ିରହିଛି। ବିଭିନ୍ନ ମଣ୍ଡିରେ ଚାଷୀଙ୍କଠାରୁ ଜାନୁଆରୀ ୧୭ରେ କିଣା ଯାଇଥିବା ଧାନ ୩ ମାସ ହେବ ଖୋଲା ଆକାଶ ତଳେ ପଡ଼ିରହିଛି। ଖରାରେ ପଡ଼ିରହିବା ଯୋଗୁ ଚାଷୀଙ୍କ ଧାନ ଓଜନ କମିବା ସହ ଉଇ ହୁଙ୍କା ମାରୁଛି। ମଣ୍ଡିରେ ଚାଷୀଙ୍କ ହଜାର ହଜାର ବସ୍ତା ଧାନ ଓଜନ ନ ହୋଇ ଖୋଲା ଆକାଶ ତଳେ ପଡ଼ିରହିଥିବା ସେମାନେ ଅଭିଯୋଗ କରିଛନ୍ତି। ବାହାରେ ପଡ଼ି ଧାନର ଓଜନ କମୁଛି।

ଗତ ଦିନରେ କୋଇଲିମୁଣ୍ଡା ମଣ୍ଡିରେ ଲ୍ୟାମ୍ପସ୍, ଆର୍ଏମ୍‌ସି କର୍ମଚାରୀଙ୍କ ସହ ମିଲରଙ୍କୁ ଅଟକ ରଖି ଚାଷୀ ଧାରଣାରେ ବସିଥିଲେ। ତଥାପି ମଧ୍ୟ ଧାନ କିଣା ହେଲାନି। ଟୋକନ୍ ଅବଧି ସରି ଆସୁଥିବା ସହ ଚାଷୀଙ୍କ ଆଖି ସ୍କାନ୍ ହେଉ ନ ଥିବାରୁ ଅନେକ ଚାଷୀ ଧାନ ବିକ୍ରୀକୁ ନେଇ ଆଶଙ୍କାରେ ଅଛନ୍ତି। ସରକାର କଟନିଛଟନିକୁ ବାରଣ କରୁଛନ୍ତି। ମିଲର୍ସ ଚାଷୀଙ୍କୁ ୪ ରୁ ୬ କେଜି କଟ୍‌ନିଛଟ୍‌ନ ବାବଦକୁ ଦେଲେ ଧାନ ଉଠେଇବେ ବୋଲି କହୁଛନ୍ତି। ସେଥିରେ ରାଜି ହେଲେ ମଧ୍ୟ ଧାନ ଉଠୁନ ଥିବା ଚାଷୀ କହିଛନ୍ତି।

ଏହା ବ୍ୟତିତ ଆଉ ଏକ ସମସ୍ୟା ରହିଛି। ଧାନ ବିକି ମାସ ମାସ ବିତିଯାଇଥିଲେ ସୁଦ୍ଧା ଚାଷୀ ଏହାର ଟଙ୍କା ପାଇନାହାନ୍ତି। ଚାଷୀଙ୍କ ଧାନ ନିୟମିତ ଉଠେଇବା ପାଇଁ ସରକାଙ୍କ କଡ଼ା ନିର୍ଦ୍ଦେଶ ଦେଇ ଥିବାବେଳେ ଯୋଗାଣ ବିଭାଗ ଅଧିକାରୀ ସରକାରଙ୍କ ବୋଲି ମାନୁ ନ ଥିବା ଚାଷୀ ଅଭିଯୋଗ କରିଛନ୍ତି। ବ୍ଲକର ଅନେକ ମଣ୍ଡିରେ ଖୋଲା ଆକାଶ ତଳେ ଧାନ ପଡ଼ିଥିବାରୁ ତୁରନ୍ତ ଧାନ କିଣିବାକୁ ଚାଷୀ ଦାବି କରିଛନ୍ତି। ଯୁଦ୍ଧକାଳୀନ ଭିତରେ ଚାଷୀଙ୍କ ଧାନ ନ ଉଠିଲେ ଆନ୍ଦୋଳନ ଭୟଙ୍କର ହେବ ବୋଲି ଚାଷୀ ଚେତାବନୀ ଦେଇଛନ୍ତି। ଏ ଦିଗରେ ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଶ୍ୟାମସୁନ୍ଦର ମାଝୀ, ଅକାଳୁ ଚରଣ ଜାଲି, ଶ୍ୟାମଘନ ବେମାଲ,ବିସିକେଶନ ନିଆଲ, ଗଗନେ ନିୟାଲ ପ୍ରମୁଖ ଦାବି କରିଛନ୍ତି। ମଣ୍ଡିରୁ ଧାନ ଉଠିବା ସମସ୍ୟା ନେଇ ଜିଲାପାଳ ମହେଶ୍ୱର ସ୍ୱାଇଁଙ୍କୁ ପଚାରିବାରୁ ଚନ୍ଦାହାଣ୍ଡିରେ ଘାଟିରାସ୍ତା ଥିବାରୁ ଧାନ ଉଠିପାରୁନି। ୫ଦିନ ଭିତରେ ସବୁ ଧାନ ଉଠାଯିବ ବୋଲି ସେ କହିଛନ୍ତି ।

